

ଡ଼ିସେମ୍ବର -୨୦୧୮

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା

ହିରଣ୍ମୟୀ

ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ନାରୀ - ବିଶେଷାଙ୍କ

ସୃଜନୀ ପରିବାର (ଚେନ୍ନାଇ)



ସୃଜନୀ ପରିବାର (ଚେନ୍ନାଇ)

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା

ହରଣ୍ଟୁଯୀ

ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

"ନାରୀ" ବଶେଷାଙ୍କକୁ ନଜ ସୃଜନ ସୃଷ୍ଟିରେ ଅଳଙ୍କୃତ କରଛନ୍ତୁ :

* ଅଗ୍ନିକନ୍ୟା

- ପ୍ରେମାନନ୍ଦ ଆର୍ଯ୍ୟବ୍ରତ ଦାସ



*ନାରୀ କବି ଶ୍ରୀମତୀ ଅମ୍ବିକା ସ୍ୱାଇଁଙ୍କ ଦୁଇଟି କବିତା:

ନାରୀ / ନାରୀର ସ୍ୱର



* ଝିଅ ଟିଏ ବୋଲିତ ...

- ସୁଷମା ପରିଜା



*ମୁଁ ତୁମର ... ପ୍ରେମିକ ନୁହେଁ...!!!

- ବିନ୍ଦୁ ନିବେଦିତା



*ମୁଁ ନାରୀ କହୁଛି

- ବୀଣାପାଣି ରାଏଗୁରୁ



*କେତେବେଳେ ଭାବିଥାନ୍ତି ଆଖିତଳ କଳା ଦାଗ କଥା

- ସାବିତ୍ରୀ ପୁରୋହିତ



*ଫରକ

- ଜୟନ୍ତୀ ବିଶ୍ୱାଳ ବେହୁରିଆ



*ନାରୀ :କିଛି ବୁଝା ତୁ କିଛି ଅବୁଝା

- ଜୟଶ୍ରୀ ପଟ୍ଟନାୟକ



*ନାହିଁ କିବା ମୋର ଅଧିକାର

- କେ .ନିର୍ମଳ



*ହଁ ...

- ବିଶ୍ୱଭାରତୀ ଦାଶ

*ଦେବନାହିଁ ଜନ୍ମ ମୋତେ ନାରୀଟିଏ କରି

- ପ୍ରଭାସିନୀ ହୋତା

*ନାରୀ

- ଅଧ୍ୟାପିକା ନଳିନୀ ବେହେରା

*ନାରୀକୁ ନେଇ ତିନୋଟି କବିତା :

- ସୁଧିରାଜ ରାଉତ

*ଅନିନ୍ଦ୍ୟନୀ

- ରାଜଲକ୍ଷ୍ମୀ ତ୍ରିପାଠୀ

*ନଃ -ଉଦ୍ଭବନ

- ଦୀପକ କୁମାର ଦେ

*ଇଦା

- ପ୍ରତିଭା ପ୍ରିୟଦର୍ଶିନୀ

*ସ୍ୱୟଂସିଦ୍ଧା

- ମନୋରମା ମିଶ୍ର

*ପତିଙ୍କ ପ୍ରତି

- ବାଉରୀବନ୍ଧୁ ଲେଙ୍କା

*କୁହ କିପରି ବର୍ଣ୍ଣିବି ମୁଁ ??

- କନକ ଲତା ଦାଶ

*ଅଦୃଶ୍ୟ ଅନ୍ତଃସ୍ୱର

- ମନୋରମା ମିଶ୍ର

*ଦେବୀ ହେବି ନା ଦାନବୀ

ସଂଘମିତ୍ରା ରାୟଗୁରୁ



*ଅନନ୍ୟା

- ସୁବାଷ ଚନ୍ଦ୍ର ପଣ୍ଡା



* ସ୍ୱୟଂସିଦ୍ଧା

- ଡ.ବିଦ୍ୟୁତପ୍ରଭା ଗନ୍ତାୟତ



*ନାରୀଟିଏ _ ବୋଲିତ ...!!!

- ସୁନନ୍ଦା ମହାପାତ୍ର



*ନାରୀ

- ଡକ୍ଟର.କୃତିବାସ ନାୟକ



*ନାରୀ

- ଅଜିତ କୁମାର ସାବତ



*ଅତୁଳନୀୟା

- ପୁଷ୍ପିତା ଦାଶ



*ବିବଶ ନାରୀ

-ଜ୍ୟୋସ୍ନା ତ୍ରିପାଠୀ



*ନାରୀ

ଶ୍ରୀ ଜମ୍ବୁଧର ବାଗ



*ନାରୀ

- ମାନସ ପଣ୍ଡା

*ଅନନ୍ୟା

- ଉର୍ବଶୀ ପାଣିଗ୍ରାହୀ

* ନାରୀ

- ଶୈବାଳିନୀ ସାହୁ

























ସୃଜନୀ ପରିବାର (ଚେନ୍ନାଇ)

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇଷ୍ତାହାର

ଅଗ୍ନିକନ୍ୟା

ପ୍ରେମାନନ୍ଦ ଶ୍ରୀ ଆର୍ଯ୍ୟବ୍ରତ ଦାସ




ଏ ଅଙ୍ଗ ଲୋଡୁନି ଏବେ ଚନ୍ଦନର ପ୍ରଲେପ ବହଳ
ଏ ଅଙ୍ଗୁ ଝରିବ ଏବେ ତେଜସ୍ୱିୟ ରଶ୍ମୀ ବରାବର ,
ନାସାକୁ ମାନିବ ନାହିଁ କାଞ୍ଚନର ଅଳଙ୍କାର ଚାରୁ
ନାସାରୁ ନିର୍ଗତ ହେବ ଅଣଚାଶ ପବନ ଏଥର ।

ଯେ ଶାନ୍ତ ତଟିନୀ ନିତି ମୃଦୁ ଛନ୍ଦେ ଯାଉଥିଲା ବୋହି
ଦେଖି ତାର ତଟଦେଶେ ସନ୍ତାନର ଶବ ଓ ଲୋତକ ,
ରମଣୀ ରୁଦ୍ରାଣୀ ହେଲା ଭୟଙ୍କରୀ ଭୀଷଣ ଭୈରବୀ
ପାବନୀ ପ୍ଲାବନୀ ହେଲା ଶୋଷିବାକୁ ସଂସାରର ଶୋକ ।

ମୁଁ ରମଣୀ ନୁହେଁ ରମ୍ୟ ଉଆସର ଅବା ଉଚ୍ଛ୍ୱାସର
ମନ୍ଦିରର ମୁଖ ଦେଶେ ଭଗ୍ନ କଟୀ ମୂର୍ତ୍ତି ନୃତ୍ୟରତ ,
ମୁଁ ସେହି ପ୍ରାଚୀନ ଶିଳା ଅହଲ୍ୟାର ଅନ୍ତର୍ଦାହ ନୁହେଁ
ଯା' ଦେହେ ଖୋଦିତ ଖେଦ ପୁଞ୍ଜିଭୂତ ଅଶ୍ରୁ ଅସମାପ୍ତ ।

ଦର୍ପଣ ଭାଙ୍ଗିଛି ତେଣୁ ଦୃଷ୍ଟିକୁ ମୋ କରିଛି ପ୍ରଖର ,
ଶୃଙ୍ଗାର ମୁଁ ତେଜିଦେଲି ତୋଳି ନେଲି ଖଣ୍ଡା ଓ ଖର୍ପର ।

ମାନବ ସଂବନ୍ଧ ପରିଚାଳନା ବିଭାଗ ମୁଖ୍ୟ
ଆର ଜେ କଲେଜ ଅଫ ମ୍ୟାନେଜେମେଣ୍ଟ ଷ୍ଟଡ଼ିଜ
ଚାନ୍ଦିପୁର ରୋଡ ,ବାଲେଶ୍ୱର ।
ମୋ :୯୪୩୭୮୩୪୯୬୪






ସୃଜନୀ ପରିବାର (ଚେନ୍ନାଇ)


ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା

ହିରଣ୍ମୟୀ

ପ୍ରଜ୍ଞା ଓ ପୁଲକର ନୂତନ ଇଷ୍ତାହାର

ନାରୀକବି ଶ୍ରୀମତୀ ଅମ୍ବିକା ସ୍ୱାଇଁଙ୍କର ଦୁଇଟି କବିତା :





ନାରୀ

ଯୁଗେ ଯୁଗେ ନାରୀ ଆଦୃତା ପୂଜିତା ସଂସାର ଭିରରେ ସାର
ଦେଖ ନାହିଁ ତାକୁ ହିନ୍ୟମନ୍ୟତାରେ ସର୍ବଦା କର ଆଦର
ଯେତେ ପାର କର ନାରୀ କୁ ଆଦର ବଢିବ ମର୍ଯ୍ୟାଦା ତୁମ
ନାରୀ କୁ ସମ୍ମାନ କରିବା ଜାଣିଲେ ହେବ ତୁମେ ଦେବ ସମ ।।

ନାରୀ ସ୍ନେହମୟୀ , ପ୍ରେମମୟୀ ଅଟେ ତ୍ୟାଗର ସେ ଗୁଣକାରୀ
ତା'ବିନା ଆଗକୁ ସଂସାର ର ଚିନ୍ତା ହୁଏ ନାହିଁ କେବେ କରି,
ତଥାପି ନାରୀକୁ ଗଞ୍ଜଣା ଦିଅନ୍ତି ଏହି ଆମ ସମାଜରେ
ଭୁଲି ଯାଆନ୍ତି ସେ ନାରୀ ବିନା ସ୍ଥିତି ନାହିଁ ଏହି ସଂସାରରେ ।।

ନିଜକୁ ସମର୍ପି ଦେଇ ଥାଏ ସିଏ ଯନ୍ତ୍ରଣାର ଜ୍ୱାଳା ସହି
ଯେତେ କଷ୍ଟ ଆସୁ ବାଧା ପୀଡା ଆସୁ ସବୁ ସହୁଥାଏ ରହି,
ମାନ ମର୍ଯ୍ୟାଦା କୁ ଧରି ରଖିବାକୁ କରି ଥାଏ ସେ ସଂକଳ୍ପ
ନିଜ ସଂସାରର ଗୁମର କଥାକୁ ରଖି ଥାଏ କରି ଗଳ୍ପ ।।

ସେହି ଗଳ୍ପ ତାର ଅଭୁଲା ଯେ ସ୍ମୃତି ମର୍ମେ କରେ ଅନୁଭବ
ସର୍ବଂସହା ନାରୀ ଅଟେ ତ୍ୟାଗ ମୟୀ ତାହା ପରି କିଏ ହେବ ।।

ଭୁବନେଶ୍ୱର, ମୋବଇଲ :୯୭୭୭୫୯୯୬୯୫

ନାରୀ ର ସ୍ୱର

ନାରୀଟିଏ ମୁଁ , ତ୍ୟାଗମୟୀ, ସ୍ନେହମୟୀ, ପ୍ରେମମୟୀ
ସଂସାର ଜଞ୍ଜାଳ ସମାଜ ଜଞ୍ଜାଳ ସବୁ କରୁଥାଏ ରହି
ସ୍ନେହର ଭଣ୍ଡାର ଅଜାଡି ଦେଲେ ବି ଆହୁରି ଲୋଡା ପଡେ
ଯେତେ କରିଲେ ବି ଶୁଣିବାକୁ ମିଳେ ସହି ରହି ଦିନ ଗଡେ ।।

ଯେତେ ଲାଂଛନା ଯେତେ ନିର୍ଯ୍ୟାତନା ମିଳୁଥିଲେ ମିଳୁ ଥାଉ
ଛାତି କୁ ପଥର କରି ମୁଁ ସହିବି ଲକ୍ଷ୍ୟ ମୋ ପୂରଣ ହେଉ
ହାରି ଯିବି ନାହିଁ ଜୀବନ ପଥରେ ଭାଙ୍ଗି ମୁଁ ପଡିବି ନାହିଁ
ଉଚିତ ନ୍ୟାୟ ପାଇବାକୁ ସଦା ସଂଗ୍ରାମ କରିବି ମୁହିଁ ।।

ଆତ୍ମହତ୍ୟା କରି କରିବିନି ପାପ ପାପୀ ଙ୍କୁ କରିବି ସଂହାର
ଜୀବନ ଯୁଦ୍ଧରେ ଲଢେଇ କରିବି ପାଇବାକୁ ମୋ ଅଧିକାର
ନୁହେଁ ମୁଁ ଅବଳା ନୁହେଁ ମୁଁ ଦୁର୍ବଳା, ହିନ୍ୟମନ୍ୟେ ଦେଖ ନାହିଁ
ନାରୀ ନୁହେଁ ମୁଁ ଅଟେ ନାରାୟଣୀ ଜଗତ କଲ୍ୟାଣ ପାଇଁ ।।

ସହି ସହି ମୁହିଁ ହେଲେଣି ନୟାନ୍ତ ନୀରବତା ଥିଲା ସୂତ୍ର
ଏଣିକି ଆଉ ନୀରବତା ନାହିଁ ଗାଇବି ମୋହର ମନ୍ତ୍ର ।।

ଭୁବନେଶ୍ୱର, ମୋବଇଲ :୯୭୭୭୫୯୯୬୯୫






ନାରୀ - ବିଶେଷାଙ୍କ

ସୃଜନୀ ପରିବାର (ଚେନ୍ନାଇ)

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା

ହିରଣ୍ମୟୀ

ପ୍ରଜ୍ଞା ଓ ପୁଲକର ନୂତନ ଇଷ୍ତାହାର



ତୋ'ରି କଥା କୁ ଗୁରୁ ଜ୍ଞାନ କରି ମୁଣ୍ଡ ପାତି ସବୁ ସହି ଗଲି
ଶାଶୁ ନଣନ୍ଦଙ୍କର ଗଞ୍ଜଣା ଠାରୁ ଯାଆ-ଯେଉଳାଙ୍କ ବାକ୍ୟ ବାଣ ଯାଏଁ
ଖଟିଖିଆ ଘର ଝିଅଟାର ମାନ କେତେ ମହତ କେତେ ?
ତୁ କହିଲୁ ସ୍ୱାମୀ ତୋ ପରମେଶ୍ୱର ତାଙ୍କର ବାକ୍ୟ ବେଦ ବାକ୍ୟ କରି ମାନିବୁ ।।

ସବୁ ମାନିଲି, ସ୍ୱାମୀ ର ଯଥା ଅଯଥା ସବୁ କଥା ,ସହିଲି ତାଙ୍କର ପରକୀୟା,
ସମୟ ଅସମୟର ଅତ୍ୟାଚାର କୁ, ମୋ ଦେହ ଓ ଦାହର ଜ୍ୱାଳା କୁ ,
ବିନା କୌଣସି ପ୍ରତିକ୍ରିୟା ରେ ନିର୍ଜୀବ ଗୋଟିଏ କାଠଗଣ୍ଡି ଭଳି ,ବିତି ଗଲାଣି ଏମିତି ଅଧା ଜୀବନ ।।

ଆଉ ଏବେ ସହିବାକୁ ହେଉଛି ,ସ୍ୱାମୀ ପରେ ପୁଅର ଅଧିକାର କୁ
ଅଣନିଶ୍ୱାସୀ ହୋଇ ପଡିଲେ ବି ଚାଲିବାକୁ ପଡୁଛି ଜୀବନ ର
ସେଇ ଅସରନ୍ତି କର୍ତ୍ତବ୍ୟ ନିଷ୍ଠା ର ସରୁ କଣ୍ଟକ କୀର୍ଣ୍ଣ ପଥ ଲହୁ ଲୁହାଣ ହୋଇ।।

ଜାଣିଛି ମୁଁ ଜୀବନ ର ଅପରାହ୍ନ ରେ ବି ସହିବାକୁ ପଡିବ ଏମିତି ଅନେକ କିଛି
ଯେବେ ନିଜ ସଂସାରରେ ନିଜେ ଅଲୋଡା ହୋଇ ଶରଣ ନେବାକୁ ହେବ
ସହରତଳି କୌଣସି ବୃଦ୍ଧାଶ୍ରମ କି ଅନାଥାଶ୍ରମର ବଖୁରିକିଆ ଘରେ
ସବୁ ବିଷ କୁ ଅନ୍ତରସ୍ଥ କରି ନୀଳକଣ୍ଠ ସାଜି ତଥାପି ସରୁନଥିବ
ଝିଅ ଟିଏ ହୋଇ ଜନ୍ମ ନେବାର ଏ ଜୀବନ ଯନ୍ତ୍ରଣା ।।

ସତ କହିଲୁ ବୋଉ..
ମତେ ଝିଅ ଟେ କରି ଜନ୍ମ ଦେବା ଟା କ'ଣ ତୋ' ଆୟତ୍ତ ରେ ଥିଲା ?
ନା ମୁଁ ଡାକିଥିଲି ଈଶ୍ୱରଙ୍କୁ ପୃଥିବୀରେ ଝିଅ ଟେ କରି ଜନ୍ମ ଦିଅ ବୋଲି ?
ତେବେ କାହିଁକି ? କାହିଁକି ?
ମୋ ଲାଗି ଦୁନିଆରେ ସବୁ ଅବିଚାର, ଅସହିଷ୍ଣୁତା?
ଏ ଦୁନିଆରେ ଝିଅ ହୋଇ ଜନ୍ମ ହେବା କ'ଣ ପାପ ??

କଟକ ,ଓଡିଶା




ସୃଜନୀ ପରିବାର (ଚେନ୍ନାଇ)

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା

ହିରଣ୍ମୟୀ

ପ୍ରଜ୍ଞା ଓ ପୁଲକର ନୂତନ ଇଷ୍ତାହାର



ଝିଅ ଟିଏ ବୋଲି ତ..

ସୁଷମା ପରିଜା



ବୋଉ ଲୋ !
ଝିଅ ଟିଏ ବୋଲି ତ ,ଏତୁଡି ଶାଳ ରୁ ମତେ ଦେଖୁ ଦେଖୁ
ମୁହଁ ମୋଡି ଦେଲା ମୋ ଜେଜେମା ,ଗାଁ ଗଣ୍ଡାରେ ସାଇ ପଡିଶାଏ କହିଲେ ହଁ ମ !
ଏଥରକ ବି ପୁଣି ଝିଅ ଟାଏ ହେଇଛି ।
ଗାଁ ରେ ଲଡୁ ବଣ୍ଟା ବନ୍ଦ ହୋଇ ଲିଆ ମୁଆଁ ଡାଲାଏ ବଣ୍ଟା ହେଲା ।।

ଭାଇ କୁ କ୍ଷୀର ତାଟିଆ ଦେଇ ମତେ ସାଗୁ ଗିନାକ ଖୁଆଇଲୁ
ବାପା ବି ଭାଇ ଭଳିଆ କାନ୍ଧରେ ବସାଇ ଚାନ୍ଦ ଦେଖାଇଲେନି ,
ଭାଇ କୁ ଘିଅ ଭାତ ଦେଇ ମତେ ପଖାଳ ଖିଆ ଶିଖେଇଲୁ।।

ପାଞ୍ଚ ବରଷରୁ କହିଲୁ ଘର କାମ ଶିଖ , ବାପ ଭାଇଙ୍କ ସେବା କରିବା ଶିଖ
ନଶିଖିଲେ ଶାଶୁ ଘରେ ଖୁଣ୍ଟା ଦେବେ, ଆମର ଘରର, ବାପା ମା'ର ନିନ୍ଦା ହେବ,
ତୁ ବି କେତେ କେତେ ଗଞ୍ଜଣା ସହିବୁ ।।

ଭାଇ ପଢିଲା ମାମୁଁ ଘର ଇଂରାଜୀ ସ୍କୁଲ ରେ ,ଆଉ ମୁଁ ଗଲି ଗାଁ ପ୍ରାଇମେରୀ ସ୍କୁଲ୍,
ହାଇସ୍କୁଲ କୁ ସାଇକେଲ୍ ନେବା ମନା ,ଟିଉସନ୍ ସାର୍ ଙ୍କ ଭୟରେ କହିଲୁ ଘରେ ବସି ପଢ଼,
କୋଚିଂ ସେଣ୍ଟର ଯିବାକୁ ବି ମନା କାଳେ ଝିଅଟା ବିଗିଡି ଯିବ କି ? ।।

ସତର ନ ପୁରୁଣୁ ବର ଖୋଜା ହେଲା ,ଝିଅ , ଘିଅ , ବେଶୀ ଦିନ ଘରେ ରଖିଲେ ଗନ୍ଧ ହେବ,
ସାତ ପୁରୁଷ କୁଆଡେ ଅହି ନର୍କ ରେ ପଡିବେ ।
ବାହାଘର ପରେ ଝିଅ ବିଦା ବେଳେ କହିଲୁ, ପଥର ପଡିଲେ ସହିବୁ,
ଝିଅ ର ସବାରୀ ଥରେ ବାପ ଘର ଚଉକାଠ ଡେଇଁଲେ ଅଣ ଲେଉଟା ।।

ସୃଜନୀ ପରିବାର (ଚେନ୍ନାଇ)

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ମୁଁ ତୁମର..ପ୍ରେମିକା ନୁହେଁ..!!!

ବିନ୍ଦୁ ନିବେଦିତା



ସ୍ତ୍ରୀ ମୁଁ ତୁମର !!!.....
ଜାଣେ ପ୍ରେମିକା ମୁଁ ନୁହେଁ ।।

କେଜାଣି ତୁମ କଳ୍ପନା ରେ
ନିତି କିଏ ଘୁରି ବୁଲୁଥାଏ,
ଆଉ ମୋ କଳ୍ପନା ରେ କିଏ ।।
ସବୁ ସତ୍ତ୍ୱେ ବି କାହିଁକି ଏମିତି
ତୁମକୁ ପ୍ରେମ କରିବାକୁ
ବେଳେବେଳେ ଭାରି ଇଚ୍ଛା ହୁଏ ;
କହି ପାରିବିନି ମନକଥା କାଳେ
ଜହ୍ନ ଆଲୁଅରେ ,
ଖାସ୍..!! ସେ ପଦେ କଥାପାଇଁ
ତାରକା ଖଚିତ ନୀଳ ନିର୍ଜନ ରାତିକୁ
ମୁଁ ଜହ୍ନଠୁ ଦୂରେଇ ଦିଏ ।।
ଭିଜେଇ ଦିଏ ଛାତିକୁ ଭାବପ୍ରବଣତାରେ ;
ଆଶା ଥାଏ କେବଳ ତୁମରି ସାନିଧ୍ୟରେ ।।
ଆଖି ମୁଜି ଚାଲୁଥାଏ ଚୁପ ଚାପ
ତୁମ ସହ ତୁମ ହାତ ଧରି
କେତେ ରାତି କେତେଦିନ,
ହେଲେ ଆଖି ଖୋଲେନା;
କାଳେ ତୁମ ଛଡା ଆଉ କିଏ
ଛିଡା ଥିବ ମୋ ରାସ୍ତାରେ ।।
ତୁମପାଇଁ ସଜେଇ ହେବାକୁ ଖୁବ ମନହୁଏ ।।
କେଜାଣି ମୋ ଭିତରର ଅଭିସାରିକାକୁ
ଦେଖିପାର କି ନାହିଁ..!!
ତୁମେ ତ ଛାଇଟିଏ ହେଇ ଆସ ଅନ୍ଧାର ରେ
ଆଉ ଫେର ବି ସେଇ ଛାଇ ଅନ୍ଧାରରେ ।।
କୋଉ ବି ଦେଖିପାରେ ତୁମକୁ !!
ଖାଲି ଯାହା ଅନୁଭବ କରେ
ଦେହର ଦାଗରେ ।।

ଖୋଜୁଥାଏ ତୁମକୁ ସଭିଙ୍କ ଭିତରେ ; ...
ଶତଦଳ ମନରୁ
ଗୋଟି ଗୋଟି ଇପ୍ସିତ ଇଚ୍ଛା ଆଣି
ଖଞ୍ଜିଦିଏ ତୁମ ଦେହେ...
ଏ ରାତିଟା ଶୋଇଗଲା ପରେ..।।
ତୁମେ ପୁଣି ପ୍ରାଣବନ୍ତ ହେଇ ଯାଅ,
ବିଧୁରା କୁ ଖୋଜି ଖୋଜି ତୋଳି ନିଅ
ଛାତିରେ;...
ଆଃ..!!! ବାଞ୍ଛିତ ପ୍ରେମ କୁ
ଦେହରେ ନହେଲେ ନାହିଁ;
ମନଭରି ଭୋଗି ନିଏ ବିଦେହରେ ।।

ଛାତିର ସେ ଗଭୀରତାରେ ମୁହଗୁଞ୍ଜି
ନିଜକୁ ନିଜେ ବୋଧ ଦେଉଥାଏ ।।
ମୋ ତରଙ୍ଗାୟିତ ସ୍ୱପ୍ନର
ସିନ୍ଦୁରିତ ବର୍ଣ୍ଣ ଛଟାଟିଏ ତୁମେ
ମୋ ଘର ଅଗଣାର
ପାହାନ୍ତି କୁଆଁ ତାରା ନୁହେଁ ।।
ତୁମକୁ ଭେଟିବାକୁ ଭାରି ଇଚ୍ଛା ହୁଏ..!!
ନିତି ସିନ୍ଦୁରା ଫାଟିଲେ ;
ସଞ୍ଜ ନଇଁଲେ ନୁହେଁ ।।
ଏବେ ବି ମୋ ଅପେକ୍ଷିତ ଇଚ୍ଛା
ଅବଗୁଣ୍ଠନବତୀ ସାଜି
ତୁମ ଫେରନ୍ତା ପଥ କୁ ଚାହିଁଥାଏ ।।
ଯଦି ବା ଜାଣେ..!!
ସ୍ତ୍ରୀ ମୁଁ ତୁମର..ପ୍ରେମିକାଟିଏ ନୁହେଁ ।।

ସୃଜନୀ ପରିବାର (ଚେନ୍ନାଇ)

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇତ୍ତାହାର



'ମୁଁ ନାରୀ କହୁଛି'

ବୀଣାପାଣି ରାଏଗୁରୁ



ମୁଁ ନାରୀ କହୁଛି
ଅନ୍ତରାତ୍ମାରୁ,
ପ୍ରଳୟ ର ସର୍ଜନାରୁ,
ମୁହୂର୍ତ୍ତ ର ଆରମ୍ଭରୁ,
କ୍ଲାନ୍ତ ଆତ୍ମାର ସମାଧିରୁ,
କଳ୍ପାନ୍ତ ର ସ୍ୱପ୍ନରୁ,
ଅବ୍ୟକ୍ତ ର ଭିତିରି ଇଲାକାରୁ,
ଜୀବନ ରୁ ।।

ମୋତେ କହିବାର ଅଛି,
ମୋ ନିବିଡ଼ ନିଃଶ୍ୱାସ ରେ ପହଁରୁଥିବା,
ବିଶ୍ୱାସର ର କଥା,
ମୋ ବୃତ୍ତାକାର ବୃତ୍ତାନ୍ତ ରୁ
ଖସି ପଡୁଥିବା, ଚୁନା ଚୁନା
ଭାଗ୍ୟର ,ଫୁଟା ଦର ଫୁଟା କାହାଣୀ ।।

ମୁଁ ଈଶ୍ୱରୀ ନୁହେଁ,
କି ଅନଶ୍ୱରୀ ବି ନୁହେଁ,
ପୌନଃପୌନିକ ପରୀକ୍ଷାରେ,
ବାର ବାର ପରୀକ୍ଷିତା,
ଏକ ଭଗ୍ନ ଅଭିଳାଶା।
ଅଭୀପ୍ସା ରେ ମୋର,
ସଭ୍ୟତାର କୁଠାର ଘାତ,
ପରମ୍ପରା ର ବେଡି ରେ ,
ଦୁଇଟି ହାତ ମୋର ବନ୍ଧା ।।

କେହି ମୋତେ ବୁଝନ୍ତିନି କି ବୁଝାନ୍ତିନି,
ମୋ ଭିତରେ ପହଁରୁଥିବା ଆଶା ଆକାଂକ୍ଷା,
ଭଲପାଇବାକୁ,ପ୍ରତ୍ୟାଖ୍ୟାନ କରିବାର
ପରମ୍ପରା,
ଶତାବ୍ଦୀ ଶତାବ୍ଦୀ ଧରି ଚଳିଆସୁଛି ।
ସେଇଥିପାଇଁ ତ ମୋ ନିବୃତ୍ତ ସତ୍ତା ରେ,
ବିକଳ ଆକାଂକ୍ଷା ର ଆହ୍ୱାନ,
କେହି ଶୁଣି ପାରନ୍ତିନି ।।

ମୁଁ ନାରୀ କହୁଛି
ସୁନା ହରିଣୀ ର ସ୍ୱପ୍ନ ମୋ ଆଖିରେ,
ରାମ ଆଉ ରାମାୟଣ ର ଉପାଖ୍ୟାନ,
ମୋ ହୃଦୟ ରେ,
ମୋ ନିବେଦିତ ନାରୀତ୍ୱ ର,
ଅନବାଦ୍ୟ ଅର୍ଥାନ୍ତର କୁ
ବୁଝିବାର ଶକ୍ତି, ଅଛି ବା କାହା ପାଖରେ ?

ସୃଜନୀ ପରିବାର (ଚେନ୍ନାଇ)

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇତ୍ତାହାର



ମୁଁ ଘୁରି ବୁଲୁଛି,
ମୋ ଇତିହାସ ର ଅନ୍ଧକାର ରେ,
ଆଲୋକର ସନ୍ଧାନ ରେ ।
ଅନବରତ ଜାଗ୍ରତ କରିଚାଲିଛି ମୁଁ,
ମୋ ସୁପ୍ତ ଚେତନାକୁ।
କିନ୍ତୁ ପ୍ରତି କ୍ଷେତ୍ରରେ ,ପ୍ରତି ମୁହୂର୍ତ୍ତ ରେ,
ବନ୍ଧା ପଡିଯାଉଛି ମୋ ଅସ୍ତିତ୍ୱ,
ଭ୍ରାନ୍ତ ଭାବ ମୂର୍ତ୍ତି ର ବିଭ୍ରାନ୍ତ କଳ୍ପନାରେ ।।

ମୋ ନିବିଡ଼ ବିଶ୍ୱାସବୋଧ,
ଅନ୍ତରଭେଦି ଦୃଷ୍ଟି,
ସାର୍ଥକ ସକାଳ,
ଶୁଭ୍ରାୟିତ ସଂଜ,
ପ୍ରୀତିପୂର୍ଣ୍ଣ। ରାତି,
ସବୁ ସ୍ଥିତି, ପରିସ୍ଥିତି,
ପାଳଟିଯାଇଛି, ସନ୍ଦିଗ୍ଧ ବିଶ୍ୱାସର ଦୀର୍ଘଶ୍ୱାସ ।।

ମୁଁ ନାରୀ,
ମୋ ଉଚ୍ଛର୍ଗୀକୃତ ଉଚ୍ଛ୍ୱାସ ରେ,
କାମନା ର କାଉଁରୀ ସ୍ପର୍ଶ,
ଅହରହ ଅବିରଳ ମତେ ଆହ୍ଲାଦିତ କରେ ।
ମୋହରୁ ମୋକ୍ଷ ଆଡକୁ ନେଇଯାଏ,
ନାରୀରୁ ନାରାୟଣୀ ରୂପ ଦିଏ,
ମୋ ପ୍ରେମର ଗୋଧୂଳିରେ ପହଁରୁଥାଏ
ଯୁବତୀ ଜହ୍ନ,
ସାଉଁଟୁଥାଏ ମୋ ଜୀବନ ର ତତ୍ତ୍ୱ ସତ୍ତ୍ୱ ।।

କଟକ ଓଡିଶା,
ମୋବାଇଲ : ୯୪୩୮୦୫୪୯୫୫ .

ଅର୍ପଣ ମୋର ନୈବେଦ୍ୟ,
ତର୍ପଣ ମୋର କୈବଲ୍ୟ,
ସର୍ବଦା ସାଉଁଟୁଥାଏ ମୁଁ
ବେଦନାରୁ ବେଦ, ପ୍ରଣୟ ରୁ ପ୍ରଣବ,
ବିରହରୁ ପ୍ରେମ।।

ମୋତେ କିଏ ବୁଝୁ କି ନବୁଝୁ,
ଖୋଜୁ କି ନଖୋଜୁ,
ଗୃହ ବଧୁ ଠାରୁ ନଗର ବଧୁ ଯାଏ,
ଲମ୍ବିଥାଏ ମୋ ଆଂଚଳ,
ଅପର୍ଯ୍ୟାପ୍ତ ଅଲୌକିକତା ଥାଏ,
ମୋ ସାତ୍ତ୍ୱିକ ସାନ୍ତ୍ୱନା ରେ।
ନିଜ ନିର୍ଜନତା ର ଗହରୀ ବିଶ୍ୱାସ ରେ,
ଚାଲୁଥାଏ ମୋ ନିଃଶ୍ୱାସ ଆଉ ପ୍ରଶ୍ୱାସ ।।

ମୁଁ ନାରୀ,
ମୋ ସମାଧି ଗର୍ଭରେ,
ସୀତା ସାବିତ୍ରୀଙ୍କ କୋଳାହଳ,
ମୋ ଶେଷୋକ୍ତି ରେ,
ଆଦ୍ୟାଶକ୍ତି ର ଆବାହନୀ,
ଅନବରତ ମୋ ଚାରିପଟେ ଘୂରୁଥାଏ,
ମୋ ପରିମିତ ପୃଥିବୀ।।

ସୃଜନୀ ପରିବାର (ଚେନ୍ନାଇ)

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇତ୍ତାହାର

କେତେବେଳେ ଭାବିଥାନ୍ତି ଆଖି ତଳ କଳା ଦାଗ କଥା

ସାବିତ୍ରୀ ପୁରୋହିତ



ଭାବୁଥିଲି....
କେତେବେଳେ ମୁଁ ବେଳ ପାଇବି
ଭାବିବାକୁ....ଆଖି ତଳ କଳା ଦାଗ କଥା ।।

ସକାଳୁ ସକାଳୁ ତୁଳସୀ ଚଉରା ମୂଳେ
ଦୀପ ଟିଏ ଜାଳିଲା ବେଳକୁ ମନେ ପଡ଼େ
ଝିଅର ଝୁମ୍ପୁରା ବାଳ କଥା
ଗଲା କାଲିଠୁ ତେଲ ଟିକେ ମାରିନି ବୋଲି
ଯାହା ଫରଫର ଉଡୁଥାଏ ।।

ଆଇନାରେ ଆଖିତଳ କଳା ଦାଗ ଦେଖି
ନିଜ ବିଷୟରେ ଭାବିବି ଭାବିଲା ବେଳେ
ମନେ ପଡ଼େ ମଲା ବାଛୁରୀଟେ ଜନ୍ମ ଦେଇ
ହମା ରଡ଼ି ଛାଡୁଥିବା କାଳୀ ଗାଈ କଥା ।।

ଚୁଲି ଉପରେ ଭାତ ଡେକଚି...ଡବଡବ ଫୁଟୁଥାଏ
କ୍ଷୀର ଉତୁରିବ ଉତୁରିବ ହେଉଥାଏ
ନିଆଁଲଗା ଘୁଡୁଘୁଡୁ କଳା ବାଦଲ ଡରାଏ
ଆଲନାରେ ଦଳା ମକଚା ବିନା ଇସ୍ତ୍ରୀ କରା ଲୁଗା ଜିଭ ଦେଖାଏ

ମାଆ ପଠେଇଥିବା ଆଚାର ଟିକକ
ଗନ୍ଧେଇବ ଗନ୍ଧେଇବ ହେଲାଣି
ଖରା ଟିକେ ପାଇନି ବୋଲି
ଛାତ ଉପରେ ପାମ୍ପଡ଼ କୁଲାଟା
ଭିଜିବ ଭିଜିବ ହେଲାଣି
ବିଜୁଳିକାଟ୍ ସମୟର ପ୍ରିୟ ସାଥୀ
ଡିବିରି ଟା ତେଲ ଟିକେ ପୁରେଇ ପାରିନି ବୋଲି
ଖତେଇ ହେଲାଣି ।।



ଭାରି ଦୋଷୀ ଦୋଷୀ ଲାଗୁଛି ଆଜି
ଝିଅର ଟିଫିନ୍ ବାକ୍ସ ଟା ତା' ସ୍କୁଲ୍ ବେଗ୍ ରେ ଦେଇନି
ସ୍ୱାମୀଙ୍କ ସାର୍ଟ ର ଛିଣ୍ଡା ବୋତାମ ଟା
ଏଯାଏ ଲଗେଇ ପାରିନି
ବୁଢ଼ା ବାପାଙ୍କ ଚଷମାର ଖୋଳ ଟା ଖୋଜି ପାରିନି
ବେଳ ପାଇନି ଯେବେ ସୁନା ବୋହୂ ଟେ ହେବାକୁ
କେତେବେଳେ ବେଳ ପାଇବି ମୁଁ
ନିଜ ବିଷୟରେ ଭାବିବାକୁ ??

"ଦଣ୍ଡମୁକ୍ତ ଅଞ୍ଚଳ " ରେ ଚିର ଦଣ୍ଡିତ ମୁଁ
ଗୋଲାପି କାମଚଳା ନାଆଁ ଟିଏ
ଦେଖୁଥାଏ ଡବଡବ.....
ପିଲାଙ୍କ ବସ୍ତାନି....ବିନା 'ଅ'...'ଆ'...ଲେଖା ସିଲଟ
ଖୋଲାଖୋଲି ବିଦ୍ରୁପ ଓ ମଜାଦାର୍ କୁହାଟ ।।

ଢଂ ଢଂ ଘଣ୍ଟା ବାଜେ....
ଏଇ ବୋଧେ ବେଳ ହେଲା
ନିଜ ବିଷୟରେ ଭାବିବାକୁ
ଘରେ ପହଞ୍ଚୁ ନ ପହଞ୍ଚୁଣୁ ମୁଣ୍ଡରେ ଚାଳ ବାଜେ
ଦୂର ସମ୍ପର୍କୀୟା ସେଇ ଗପୁଡ଼ି ନଣନ୍ଦ ଟା
ଚିର ଅବାଞ୍ଛିତ ଅତିଥି ପରି କବାଟ ବାଡ଼େଇ
ବଡ଼ ପାଟିରେ ଡାକ ଛାଡୁଥାଏ
"ହେ ଭାଉଜ ! ଶୋଇ ପଡ଼ିଲ କି....
ବେଳ ବୁଡ଼ିଲାଣି ପରା ।"

ଭାବନା ଟା ଚୁର୍ ହୁଏ.....
ଯାଃ.....କେତେବେଳେ ଭାବିବି
ନିଜ କଥା...ଆଉ ଆଖି ତଳ କଳା ଦାଗ କଥା ।।

ପଟ୍ଟନାୟକ ପଡ଼ା, ସମ୍ବଲପୁର ।।

ସୃଜନୀ ପରିବାର (ଚେନ୍ନାଇ)

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇଷ୍ତାହାର

ଫରକ

ଜୟନ୍ତୀ ବିଶ୍ୱାଳ ବେହୁରିଆ



ପୁରୁଷ ତ
କରିପାରେ କ୍ରୋଦ୍ଧ
ଅସ୍ତ - ବ୍ୟସ୍ତ କରିପାରେ
ସଂପାଦିତ ସଂସାରକୁ
କାଚକେନ୍ଦୁ ପାଣିକୁ ବି
ଗୋଳିଆ କରିପାରେ
ଅସହିଷ୍ଣୁ ପଣର
କାଦୁଅ ଫୋପାଡି ,
କରିପାରେ ଅସ୍ୱଚ୍ଛ ..

ଯାଇ ବି ପାରେ ସିଏ
ଯେଣେ ଇଚ୍ଛା ତାର
ସଂବନ୍ଧ 'ର ଗୋଳାରୁ
ଛିଡାଇ ଯେତେ ସବୁ
ବିଶ୍ୱାସର ସୂତା
ଆକ୍ରୋଶ ପଣରେ
ବେଳ ଅବେଳରେ
ଏକ ଘଣ୍ଟା
ଅବା ଗୋଟେ ଦିନ
ବର୍ଷଟିଏ ବି' ହୋଇପାରେ
ହୁଏତ ବି' ହିସାବ
ନଥିବା ସମୟ ।

କୃଷ୍ଣ ନଗର,ପୋ : ବାଲିଆ,
ବାଲେଶ୍ୱର - ୭୫୬୦୫୬

ଯଦି କେବେ ଫେରେ
ପୁଣି ଥରେ
ବଦଳିଲା ମନଟିଏ ନେଇ
ସେଇ ଘରଟିକୁ ,
ଯାହାକୁ ସେ ଲାତ ମାରି
ଯାଇଥିଲା ନିର୍ଦ୍ଦୟ ପଣରେ
ପଛ କରି ..!

ମୁଁ ତ ଦେଖିଛି
କେମିତି ସେ ଆସିପାରେ
ମୁଣ୍ଡ ଉଠାଇ ,
ଦର୍ପ ଭରି
ଛାତିରେ ଛାତିଏ ,
ସତେ ଅବା
ଦେବଦୂତ ପରି ।

ଛୁଇଁବି' ପାରେ
ପ୍ରତିଟି ଜିନିଷ
ତକିଆ ଓ
ମୁଲାୟମ୍ ଶେଯ
ତ୍ୟାଗ ଦେଇଥିବା
ଗୋଟେ ନାରୀ' ର ଆତ୍ମା
ଓ ଶରୀର ବି'
ଛୁଇଁ ପାରେ ସ୍ୱଚ୍ଛନ୍ଦରେ,

ଅଗଣା 'ର ଫୁଲ ଭର୍ତ୍ତି
ବିଶୁଦ୍ଧ ପବନ
ନିଃଶ୍ୱାସ ରେ ନେଇପାରେ
ଚଟାଣ ' ରେ ବସି
ଆଣ୍ଠୁ ମୋଡି ଖାଇପାରେ
ନାନାଦି ସ୍ୱାଦିଷ୍ଟ ଦ୍ରବ୍ୟ
ତା ହସର ଆଲୋକରେ
ଉଲ୍ଲସିତ, କିଛି କିଛି
ନିମଜ୍ଜିତ ଓଠ ...

ସେଇ ଓଠ ଶୁଖିଯାଏ
ସେତେ ବେଳେ
ଆଖିରୁ ଝରି ପଡେ
ଦପ୍ ଦପ୍ ନିଆଁ ଝୁଲ
ଅସ୍ପୃଷ୍ପତା 'ର ଟେକା
ବର୍ଷେ ସୁକୋମଳ
ଦେହରେ ତା'
କେହି ଯଦି ନାରୀ
ଭୁଲ୍ ରେ ବି'
ଦ୍ୱାର ବଂଧ ଡିଏଁ
କ୍ରୋଦ୍ଧ ଅବା ହେଉ
ଅଭିମାନ
ଗୋଟେ ରାତି
ଅବା ଗୋଟେ ଦିନ--!!


ସୃଜନୀ ପରିବାର (ଚେନ୍ନାଇ)

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇଷ୍ତାହାର



ନାରୀ : କିଛି ବୁଝା ତୁ କିଛି ଅବୁଝା

ଜୟଶ୍ରୀ ପଟ୍ଟନାୟକ



ଆଉ ଝରାଅନା
ଖାଲିଟାରେ ଆଖିର ତତଲା ଲୁହ
ଲୁହ ସବୁ ଝରିଗଲେ କାଳେ,
ଉଶ୍ୱାସ ଲାଗିବ ଛାତି
ମାଟି କିଛି ଶୋଷିନେବ ।
ହେଲେ ମନତଳ କ୍ଷତ ପୋଛିବା ପାଇଁ
ଦରକାର ସେମିତି କଲିଜାଟିଏ ।
ତୁ ଜନନୀ,ସ୍ନେହମୟୀ ଗର୍ଭଧାରିଣୀ
ରକ୍ତର ଭଉଣୀ, ସ୍ତ୍ରୀ, ପ୍ରିୟତମା
ବାନ୍ଧବୀ,ସହପାଠିନୀ
ପୁଣି ଶଯ୍ୟାସଙ୍ଗିନୀ,ସବୁ ରୁପରେ ତୁ ।

ଆଉଟା ସୁନା ପରି ଦେହ,
ତେଜାବ ପରି ଈର୍ଷା
ହସିଦେଲେ..
ଗୁଚ୍ଛି ହୋଇପଡେ ମୁକୁତା ମାଳ
ମମତାରେ ତୁ ହିମଶିଳା
ଷୋହଳ ଶୃଙ୍ଗାର ତୋ ଯୌବନ ,
ଲାସ୍ୟ ଛନ୍ଦ ଭରା ଚାଲି , ଚାହିଁଦେଲେ
ତୋଳି ହୋଇଯାଏ ଲକ୍ଷେ ଜହ୍ନରାତି ।

ତୁ ଦେବୀ, ଆଉ ମାନବୀ ।
ଅଶିଣ ଆସିଲେ
କାଶତଣ୍ଡୀ ହସିଲେ ହୁଏ ଆବାହନୀ
ସନ୍ତୁଷ୍ଟୀରେ ଲୋଡାହୁଏ
ଧୂପ,ଦୀପ,ସିନ୍ଦୂର,ମନ୍ଦାର
ଚଣ୍ଡୀ ପାଠ,ବେଦମନ୍ତ୍ର, ଷୋଳପୂଜା
ଲୋଡାହୁଏ କେତେ କେତେ ଉପଚାର
ବିସର୍ଜନ ହୁଏ ମୃଣ୍ମୟୀ ରୂପ ।
ହେଲେ ଯୋଉ ଦେବୀ ବିସର୍ଜିତ ହୁଏ
ପୁରୁଷର ପୌରୁଷରେ ,ବୋଦାଟିଏ ବଳି
ପଡିଲା ପରି ଶୁଭୁଥାଏ ତା ଚିତ୍କାର
ଅବୁଝା ରହିଯାଏ ତା କଥା ଆଉ ବ୍ୟଥା
ଲୋମ ମୂଳେ ସଂଚରିଯାଏ ବିଜୁଳି
କାଳସୀ ଲାଗିଯାଏ ମନରେ ।
ମନେହୁଏ ସତେ କଣ ପୂଜା ହେଉଥିଲା
ତୋର ନା ସେ ଦେବୀ ମଣ୍ଡପ ଦେବୀର
ଶୁଭୁଥିଲା ଯାର
ତ୍ରାହୀ ମାଂ ଜଗଦୀଶ୍ୱର ଡାକ
ତା ଭିତରେ କଣ ନ ଥିଲା ସେ
ନାରୀ ନାରାୟଣୀ ରୂପ ?

କେଉଁ ଖଳନାୟକର ବିଷଦୃଷ୍ଟିରେ
ପାଲଟିଗଲା ଅଭିଶପ୍ତ ଅହଲ୍ୟା
ନାରୀ ଜନ୍ମର ସାର୍ଥକତା କୁ ବୁଝୁ ବୁଝୁ
ପାଲଟିଗଲା ଛବି ବହିର ଛିଣ୍ଡା ମଲାଟ
ଯେଉଁ ଛବିରେ
ଅସ୍ପଷ୍ଟ ଦିଶୁଥିଲା ତା ଚେହେରା ।

ଗଙ୍ଗନଗର, ଭୁବନେଶ୍ୱର

ସୃଜନୀ ପରିବାର (ଚେନ୍ନାଇ)

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା

ହିରଣ୍ମୟୀ

ପ୍ରଜ୍ଞା ଓ ପୁଲକର ନୂତନ ଇଷ୍ତାହାର



ନାହିଁ କିବା ମୋର ଅଧିକାର

କେ.ନିର୍ମଳ

କନ୍ୟା ଟିଏ ବୋଲି କାହିଁକି ମାରୁଛ
ହେ ମୋର ପ୍ରିୟ ପରିଜନେ..।
ମୁଁ ହିଁ ଭଗିନୀ ଜନନୀ ଓ ଜାୟା
ଭୁଲିଯାଅ ନିତି ଭୁଲା ମନେ..॥

ସେହି ନାରୀ କୋଳେ ଜନମ ତୁମର
ଜଗତ ପାଳୁଛି ମାଆ ନାମେ..॥
ତୋ ସେବା ରେ ଯେତେ ଜାତନା ସହେ
ସେ କି ଦେଇ ପାରିବୁ ପ୍ରତିଦାନେ ।।

ମାତା ଗର୍ଭଚିରି ତୁମେ ବି ଆସିଛ
ଏ ଧରଣୀ ଏଇ ମାଆ କୋଳେ ।।
ସେହି ମାଆ କଥା ମନେ ପଡୁନାହିଁ
ଜନ୍ମ ଦିଏ ଯିଏ କାଳେ କାଳେ ।।



ଏହି ସଂସାରରେ ନାରୀ ସର୍ବଶେଷ୍ଠା
ପଡୁନାହିଁ କିରେ ତୋର ମନେ..।
କୋଉ ପୌରୁଷେ ଶିଶୁକନ୍ୟା ହତ୍ୟା
କରିବସୁ ମୁଢ ପ୍ରତିଦିନେ..॥

ନିଶ୍ୱାସ ବି ଏଠି ଭଲରେ ନେଇନି
ନାହିଁ କିବା ମୋର ଅଧିକାର..।
ନାରୀ ଯଦି ଏଠି ନରହିବେ ତେବେ
କୋଉଠୁ ଆସିବେ ଆଉ ନର..॥

ମୁଁ ତ ନିଷ୍ପାପ କନ୍ୟା ଟିଏ ମାତ୍ର
ଜଗତ ଉଦ୍ୟାନେ ହସେ ଖେଳେ..।
କୋଉ ପୁଣ୍ୟ ଅର୍ଜୁ କୋଉ ପାପ ପାଇଁ
ପୋତୁ ମୋତେ ନିତି ମାଟି ତଳେ.. ॥

ଭଦ୍ରକ, ବାସୁଦେବପୁର (ଜଗନ୍ନାଥ୍) ମୋବାଇଲ:-୯୫୬୬୧୧୩୬୦୭

ସୃଜନୀ ପରିବାର (ଚେନ୍ନାଇ)

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇଷ୍ତାହାର

ହଁ....

ବିଶ୍ୱ ଭାରତୀ (ଗୋସ୍ୱାମୀ) ଦାଶ



ତୁମର ସବୁ କଥା କୁ
ସହଜେ ମାନିନିଏ ବୋଲି
ମୁଁ ବୁଝକ ...

ତୁମର ସବୁ ମିଛ କୁ
ସତରେ ଭାବିନିଏ ବୋଲି
ମୁଁ ସରଳ ...

ତୁମର ସବୁ ଭୁଲ୍ କୁ
ସହଜେ ଭୁଲିଯାଏ ବୋଲି
ମୁଁ ଖିଆଲି ...

ତୁମର ସବୁ ରାଗ କୁ
ଅଚିରେ ଢୋକି ନିଏ ବୋଲି
ମୁଁ ହରୁଳି ...

ତୁମର ସବୁ ଦୁଃଖ କୁ
ନିଜର କରିନିଏ ବୋଲି
ମୁଁ ଦରଦୀ ...

ତୁମର ମିଛ ପ୍ରେମ କୁ
ପ୍ରେମ କରିନିଏ ବୋଲି
ମୁଁ ଅବଳା ...

ତୁମର ସବୁ ଛୁଆଁ କୁ
ସ୍ୱର୍ଗ ଅନୁଭବେ ବୋଲି
ମୁଁ ସଲୀଳା ...

ଏତେ ସବୁ ପରେ ମଧ୍ୟ
ମୁଁ ତୁମ ପାଇଁ ଅଲୋଡା ??
ତେବେ ଆଉ କଣ ବାକି ଥିଲା ...

ହଁ , ଅପେକ୍ଷାରେ ଅଛି ...
ସେଇ ଶେଷ ନିଶ୍ୱାସର
କେବଳ ମହାର୍ଘ ମୁହୂର୍ତ୍ତଟି
ଯହା ଖାଲି ମୋ ପାଇଁ ଏକାନ୍ତ ଲୋଡ଼ା !!!!

(ବାଙ୍ଗାଲୋର)

ସୃଜନୀ ପରିବାର (ଚେନ୍ନାଇ)

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇଷ୍ତାହାର

ଦେବନାହିଁ ଜନ୍ମ ମୋତେ ନାରୀଟିଏ କରି..



ପ୍ରଭାସିନୀ ହୋତା

ହେ ଅଦୃଷ୍ଟ ! ଦେବନାହିଁ ଜନ୍ମ ମୋତେ ନାରୀଟିଏ କରି
ଏବେ ନୁହେଁ, କେବେ ନୁହେଁ ଯୁଗ ଯୁଗ ଧରି....

ଲୋଡା ନାହିଁ ସ୍ନେହ,ପ୍ରେମ,ମମତା,କରୁଣା
ଭରା ଏକ ସୁକୋମଳ ସରଳ ହୃଦୟ
ତ୍ୟାଗ,ସମ୍ବେଦନା,ସଂଯମତାର ସାଧନା
ତୃପ୍ତି,ପ୍ରାପ୍ତି ମିଛ ଯହିଁ ସାର ମର୍ମଦାହ

କେବେ ପିତା, କେବେ ପତି, କେବେ ପୁତ୍ର ତଳେ
ଦରକାର ନାହିଁ ଅନୁଗ୍ରହର ଜୀବନ
ଇଙ୍ଗିତ ମାତ୍ରକେ ଯନ୍ତ୍ରବତ୍ ଯିଏ ଚଳେ
ମୁକ୍ତି ହୀନା ସର୍ବଦା ଯେ ଅନ୍ୟର ଅଧୀନ

ଇଚ୍ଛା ମୋର ନାହିଁ ସାଥୀ ବୋଲି ଏ ଜୀବନ
ପୁରୁଷର ହାତ ଧରି ହୋଇବାକୁ ପାର
ଯେତେଦିନ ଯାଏ ମନ ଅଭ୍ୟନ୍ତରେ ତାର
ପୁରୁଷତ୍ୱର ରହିଛି କୁତ୍ସିତ ବିକାର

ଦେବନାହିଁ ବଳି ମୋତେ ଯୌତୁକର ଯୂପେ
ପଦେ ପଦେ ହୁଏ ଯହିଁ ହୃଦୟ କ୍ଷତାକ୍ତ
ସାଥି କରି ଚାଲିବାକୁ ଆଖି ଲୁହ ଧାର
କ୍ଷଣ ଜନ୍ମା ହେବି ଅପମୃତ୍ୟୁ କରି ପ୍ରାପ୍ତ ??

ଅବଳା ଦୁର୍ବଳା କହି ଯୁଗଯୁଗ ଧରି
ବନ୍ଦୀ ରଖିଥିଲା ଯେଉଁ ପୁରୁଷ ସମାଜ
କେଉଁ ଷଡଯନ୍ତ୍ର ସୂତ୍ରେ ଆଜି ବଦାନ୍ୟରେ
ନାରୀ ଶକ୍ତି କରଣର ତୋଳେ ତୂର୍ଯ୍ୟନାଦ ??

ପକ୍ଷାନ୍ତରେ, ସାଜେ ପୁଣି ହିଂସ୍ର ଓ ଉଦ୍ଦାମ
ଭଦ୍ରତାର ମୁଖା ନିମିଷକେ ଦିଏ ଫିଙ୍ଗି
ଧର୍ଷଣର ଶସ୍ତ୍ର ଧରି ସପ୍ତ ରଥୀ ସମ
ନାରୀତ୍ୱ ମୋ ଅନ୍ୟାୟରେ ଲୁଣ୍ଠେ ଶୀଳ ଲଙ୍ଘି

ସହିଅଛି ପାପ ତାର ଗୋଟି ଗୋଟି କରି
ଦେଇଅଛି କ୍ଷମା ପୁଣି ପୁରୁଷ ସମାଜେ
ଭ୍ରୁଣହତ୍ୟା, ବଧୂ ହତ୍ୟା, ପ୍ରତାରଣା ସତ୍ତ୍ୱେ
ଅମଙ୍ଗଳ କେବେ ପାଞ୍ଚିନାହିଁ ପ୍ରତିବାଦେ

କଣ ଏହା ମୋ ପ୍ରତି ତା ପ୍ରତିଦାନ
ବଳତ୍କାର,ଧର୍ଷଣର ନିକୃଷ୍ଟ ଭର୍ତ୍ସନା
ନାରୀ ଜନ୍ମ କାହାରିକୁ ନ ଦିଅ ଅଦୃଷ୍ଟ !!
ସହ୍ୟ ହୁଏ ନାହିଁ ତନୁ ମନେ ଏ ଯାତନା

ପଶୁ ଦିଏ ମର୍ଯ୍ୟାଦା ତ ତାର ସଙ୍ଗିନୀରେ
ବଳତ୍କାର,ଧର୍ଷଣର ନାହିଁ ତାଠି ପ୍ରଶ୍ନ
ତେବେ ଦୁନିଆର ଶ୍ରେଷ୍ଠ ସୃଷ୍ଟି ବୋଲି କିଆଁ
ଅବିବେକୀ ମଣିଷକୁ ମିଳଇ ସମ୍ମାନ ??

ବରଗଡ଼ ,ଓଡିଶା

ସୃଜନୀ ପରିବାର (ଚେନ୍ନାଇ)

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର



ନାରୀ

ଅଧ୍ୟାପିକା ନଳିନୀ ବେହେରା

ଗୃହର ଆସବାବପତ୍ର ପରି
ସେ ବେଶ୍ ଶୋଭା ପାଏ ।
ଘର ର ସୌନ୍ଦର୍ଯ୍ୟ ପାଇଁ
ନାରୀ ଟିଏ ଲୋଡା ହୁଏ ବୋଲି
ସେ ଘରଣୀ ପାଲଟି ଯାଏ ।

ସବୁ ଆବଶ୍ୟକତା ବେଳେ ସେ
ଆବଶ୍ୟକ ହୋଇଥାଏ ବୋଲି ତ
ତାକୁ ଦେବୀ ବୋଲି ସମ୍ବୋଧନ କରାଯାଏ ।
ତାର ଉଦାର ସମର୍ପଣ ରେ
ଘର ଟା ସତକୁ ସତ ସ୍ୱର୍ଗ ପାଲଟି ଯାଏ ।

ମାଳି ହୋଇ ବଗିଚା ର ଯତ୍ନ ନିଏ
କଢ଼ ରୁ ଫୁଲ କରାଏ ।
ଫୁଲମାନଙ୍କ ବାସ୍ନାରେ ମହକି ଉଠେ
ଘର ଠୁ ଅଗଣା ।
ସସାଗରା ବସୁନ୍ଧରା ।
କିନ୍ତୁ ତା' ଓଠର ହସ ପାଇଁ
କାହାକୁ ଫରକ୍ ପଡେନାହିଁ ।।

ବରଂ ତାକୁ ତାଗିଦ୍ କରାଯାଏ
ଆଖି ତଳ କଳା ଦାଗ ରେ
ଫାଉଣ୍ଡେସନ ମାଖି ଦେଇ
ଶୁଖିଲା ଓଠରେ
ଆଉ ଟିକେ ଗାଢ଼ ନାଲି ରଂଗ ବୋଳି ଦେଇ
ସୃଜନ ର ହସ ହସିଦେବାକୁ
ଯେଉଁ ହସ ର ଦାମ
ନିଲାମ ହୁଏ କୋଟିଏ ଟଙ୍କାରେ ।
ତାର ଆହତ କାମନା ଗୁଡିକ
ନିଃଶବ୍ଦ ରେ ଚିତ୍କାର କଲେ ବି
କାହାର ଗରଜ ପଡେ ନାହିଁ
ତାକୁ କାନ ଡେରି ଶୁଣିବାକୁ ।

ତାକୁ ଯାଚି ଦିଆଯାଇଥିବା ଭୂମିକା ଟି କୁ
ସେ ନିଖୁଣ ଭାବରେ
ଅଭିନୟ କରିପାରେ..
ପତ୍ନୀ, ମା ,ଧାଇ ,ବାଇ
ଏପରିକି ପ୍ରେମିକାର ବି ।
ସରଳ ସମର୍ପଣ ରେ
ଜିତିପାରେ କୋଟି ଜନମନ ।


ଜୀବନ ନୁହେଁ ତ ଗୋଟିଏ ମେସିନ
ରୁଟିନ୍ ବନ୍ଧା ଜୀବନରେ
କାହା ପରେ କଣ କରିବାକୁ ହେବ
ସବୁ କିଛି ନଖ ଦର୍ପଣ ରେ ଥାଏ ।
ସାରା ଦିନ ମେସିନ୍ ଜୀବନ ରୁ
ଟିକିଏ ଫୁରସତ ପାଇଁ
ନିଜ ପାଇଁ ବିଛଣା ସଜାଡିଲେ
କାହାର ଉଷୁମ ହାତ ଟାଣି ନେଇଯାଏ ତାକୁ ।
ସେ ଗୋଟାପଣ ସିଝିଯାଏ
ସେଇ ତାତି ରେ
ସେଇ ତାତି ଛୁଞ୍ଚି ପରି ଫୋଡି ହୋଇଯାଏ
ତା' ଦେହ ସାରା ।
କିଏ ତା କାନରେ ଫୁସଫୁସ କହିଦିଏ
ତୁ ନାରୀ,
ଏଇଟା ବି
ତୋ ରୁଟିନ୍ ଜୀବନ ର ଗୋଟିଏ ଅଂଶ ।।

ବହୁଗ୍ରାମ ଡିଗ୍ରୀ କଲେଜ, କଟକ

ସୃଜନୀ ପରିବାର (ଚେନ୍ନାଇ)

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇତ୍ତାହାର

ନାରୀକୁ ନେଇ ତିନୋଟି କବିତା



ସୁଧ୍‌ରାଜ ରାଉତ

୧

ଯେଉଁ ଦୀପ
ସଂଧ୍ୟାରେ ଚଉଁରା
ମୂଳେ ଜଳୁଛି
ତାକୁ ଯିଏ ଜାଳି
ଦେଇ ଗଲା
ସେ କହୁଥିଲା
ଏମିତି କଣ ଆମ ଜୀବନ
ଆମେ ସଦା ଜଳୁଥିବୁ ?

ଯେଉଁ କୁଆଁ
ସମଗ୍ର ପରିବାର ତୃଷ୍ଣା
ମେଣ୍ଟାଉଛି
ସେ କହୁଥିଲା
ଏମିତି କଣ ଆମ ଜୀବନ
ସଦା ବାଲ୍‌ଟି,
ଗରା ର ମାଡ଼ ଖାଉଥିବୁ ?

ଆଜି ଦେଖିଲି
ମହୁମାଛି ପୁଞ୍ଜେ
ମଇଳା ଉପରେ ବସିଛନ୍ତି
ଚିତ୍କାର କରୁଛନ୍ତି
ଆମେ 'ବି ମାଛିର
ଅଧିକାର ଚାହୁଁ ।

୨

ଆଜି ବାଡ଼ ସଫା କରୁଥିଲି
ବାପା କହିଲେ
ସେ ଅଣ୍ଡିରା
ଗଛ ସବୁ କାଟି ଦେ
ତୁଚ୍ଛା ଖତ,
ସାର ଖାଉଛନ୍ତି ।

ଅଣ୍ଡିରା ଗଛ ସବୁ କାଟୁଥାଏ
ମନ୍ଦିରରେ ଘଣ୍ଟ ବାଜିଲା
ଭାବିଲି
ଭଗବାନ ଯଦି
ତାଙ୍କ ବାଡ଼ ସଫା କରନ୍ତି !

ନିଜ ଭିତରେ
ମାଇ ସତ୍ତାଟିକୁ ଖୋଜୁଥିଲି

୩

ଉପନିଷଦ
ସିଲାବସ୍‌ରେ ଲେଖାଥିଲା
ନାରୀ
ତୁମେ ଯୋଗ୍ୟ ସନ୍ତାନର
ଜନନୀ ହୁଅ
ତୁମର ଶେଷ ସନ୍ତାନ
ତୁମର ସ୍ୱାମୀ ହେଉ ।

ଏବେ ଯେତେ
ସବୁ ସିଲାବସ୍
ଲେଖାଅଛି
ପୁରୁଷ ର ଯାହା ଅଧିକାର
ନାରୀ ର ତାହା ଅଧିକାର ।

ଅଧିକାରକୁ ଖାଇ ଚାଲ
ତୁମେ ସରିଯିବ
ତୁମ ଖାଇବା ସରିବନି ।

ଯେବେ ଅଧିକାର ଫିଙ୍ଗି ଦେଲି
କେହି କହୁଥିବା ଶୁଣିଲି
" ଆମେ କଣ ଜୀବନକୁ
ଏମିତି ଦୁଇ ଭାଗ
କରି ଲଢୁଥିବା ?"

" ଆମେ ଯେବେ ଇଶ୍ୱର ହେବା
ନାରୀ ଥିବା ନାଁ ପୁରୁଷ ଥିବା ? "

ଇନ୍ଦ୍ରାବତୀ ,ନବରଙ୍ଗପୁର

ସୃଜନୀ ପରିବାର (ଚେନ୍ନାଇ)

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇଷ୍ତାହାର

ଅନିନ୍ଦ୍ୟନୀ

ରାଜଲକ୍ଷ୍ମୀ ତ୍ରିପାଠୀ



ଆକାଶ ରୁ ଝରିଆସି
ଅମୃତ ବିନ୍ଦୁଏ
ପାଲଟିଛି ଗିରିଗର୍ଭା ନଦୀଟିଏ
ବହିଚାଲେ ଶୈଶବରୁ ବାର୍ଦ୍ଧକ୍ୟ ପର୍ଯ୍ୟନ୍ତ
ଅସୁମାରୀ ଆଶା ଓ ଆବେଗ କୁ ନେଇ ।
ବୁକୁତଳେ ଚାପିରଖି ଯେତେସବୁ
ଲୁହ-କୋହ, ମାନ-ଅପମାନ
ସହିପାରେ ଚରମ ଶ୍ୱାସ ରୁଦ୍ଧ
ଆଣିବାକୁ ସୃଷ୍ଟି ଟିକୁ ତା'ର
ଜୀବନ ବି ଦେଇପାରେ
ଆୟୁଷ ତା'ବାଣ୍ଟିପାରେ,
ସିଏ ଏକ ନାରୀ ।



ନୁହେଁ ସେ ବନିତା ଲତା,
ଅବା ପଞ୍ଜୁରୀ ର ଶାରୀ
ବଂଚିପାରେ ବିନା ଆଶ୍ରୟ ରେ
ଉଡ଼ି ଯାଇ ଛୁଇଁପାରେ
ମନୋରମ ମେଘମାଳା।।
ଚାହେଁନି ସେ ବନ୍ଦୀ ଗୃହ
କାହା ଅବିବେକୀ,ଅବୁଝା ପଣର,
ଲୋଡେନାହିଁ ଯୌବନ ତା'ର
ରହିବାକୁ ଅନ୍ଧଗଳି ଭୋଗ ଲାଳସା ରେ ।
ତଥାପି ସେ ବାଧ୍ୟ ହୁଏ ସହିବାକୁ
କେତେ ନୃଶଂସତା,ବର୍ବରତା
ଏ ସଂସାର ପଙ୍କ ର ।


ଅମୂଲ୍ୟ ତା'ଦୁଇ ଟୋପା ଲୁହ,
କେଉଁଠାରେ ଧ୍ୱଂସ କରେ
କୁରୁବଂଶ ଅବା ସ୍ୱର୍ଣ୍ଣ ଲଙ୍କା
ଆଉ କେତେ ସଭ୍ୟତା, ସହର।
ବଂଚିଛି ସେ ବଂଚିଥିବ
ଧରଣୀ ର ଉଷର ଭୂଇଁରେ
କେଉଁଠି ବି ହାରିନାହିଁ ନାରୀପଣ ତା'ର,
ମରିନି ତା'ପ୍ରାଣତନ୍ତ୍ରୀ ଉଷ୍ମା
ସ୍ନେହ ଆଉ ପ୍ରେମ ସଂଭାରରେ।
ସମୟ କୁ ସିଦ୍ଧ କରେ
ନାରୀର ତପସ୍ୟା।।

ଭୁବନେଶ୍ୱର


ସୃଜନୀ ପରିବାର (ଚେନ୍ନାଇ)

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇତ୍ତାହାର

ନଃ-ଉଦ୍ଭବନ



ଦୀପକ କୁମାର ଦେ



ଅପମାନ ଭାର କାନ୍ଧେଇ ଯେବେ ପୃଥିବୀ ଶୋଇପଡେ-
ସମୁଖୀନ ହେବାକୁ ଅଲୋଡ଼ା ଆମନ୍ତ୍ରିତ ବିପର୍ଯ୍ୟୟ;
ଅଘୋଷିତ କର୍ଫ୍ୟୁ ଚେତାବନୀ ଘୁରେ ଚାରି କଡ଼େ,
ସୁରକ୍ଷିତ ମାତୃଗର୍ଭରୁ ଯାଚନା କରେ ସେ ସମୟ ।

ଅନ୍ଧକାରେ ଦେଖୁଥାଏ ଆଲୋକର ଦିବ୍ୟସମାଗମ
ଅମାନବିକତାର ପ୍ରାଚୀର ଭେଦି ମାଗେ ସେ ଆଶିଷ
ମଥାନତ ଯୋଡ଼ହସ୍ତେ ଯଥାମାନ୍ୟ ଜଗାଏ ସପ୍ରେମ !
ନିଜେ ରହି ଅନ୍ଧାରରେ ବାଣ୍ଟୁଥାଏ ନିଜର ଆୟୁଷ ।

ସହି କି ସେ ପାରିବ ଅନାଥର ଅନ୍ତର ଆବେଦନ
ରୁଧିର ଜଡ଼ିତ ,ବିଜଡ଼ିତ ଆକୁଳ ସ୍ୱର ଶହୀଦର
ଅବା ସଦ୍ୟ ବୈଧବ୍ୟ ଯନ୍ତ୍ରଣା , ସ୍ୱୟଂ ଆତ୍ମୀୟ କ୍ରନ୍ଦନ
ଶୁଷ୍କତାର ଉଦାସପଣେ ନୁହେଁ ସେ ମ୍ରିୟମାଣ ଜଳଧାର ।

ଅକଳନ୍ତି ଜ୍ଞାନ , ଅପରିସୀମ ପରିକଳ୍ପିତ ଚିତ୍ର
ଅବର୍ଣ୍ଣନୀୟ ଜନ୍ମଦାତ୍ରୀ- ପୁଣ୍ୟମୟୀ ଭବିଷ୍ୟ-ମାତ ।

ଅନୁଗୁଳ ।

ସୃଜନୀ ପରିବାର (ଚେନ୍ନାଇ)

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା

ହିରଣ୍ମୟୀ

ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ଇଦା

ପ୍ରତିଭା ପ୍ରିୟଦର୍ଶିନୀ





ଆଜିର ନାରୀ, ଫେମିନିଜିମ ନାଁରେ
ଉପସ୍ଥାପିତ କରେ ନିଜ ଶ୍ରେଷ୍ଠତ୍ୱର ଦାବି ।
ପୁରୁଷକୁ ପ୍ରତିଦ୍ୱନ୍ଦ୍ୱୀ ସଜେଇ ,କୁଦି ପଡେ
ଲଢିବାକୁ ସମାନତା ଓ ଶ୍ରେଷ୍ଠତ୍ୱର ଲଢେଇ ।

ସନ୍ତାନ ପ୍ରସବ ଓ ପାଳନକୁ
ସୃଷ୍ଟି ପ୍ରତି ତା'ର ଦୟା ଭଳି
କରଇ ପ୍ରସ୍ତୁତ ।
କାହିଁକି ଏ ଗର୍ବ.....???
ଏ ଅନାବଶ୍ୟକ ଉଦ୍ଦାମତା .....!!!
ସ୍ରଷ୍ଟାଙ୍କ ସୃଷ୍ଟିରେ ନାରୀ
ଗୋଟେ ଉପାଦାନ ମାତ୍ର, ଯେମିତି ପୁରୁଷ ।
ଏଠି ନୁହେଁ କେହି ଶ୍ରେଷ୍ଠ ଅବା ଗୌଣ
ସ୍ରଷ୍ଟା ପାଇଁ ସଭିଏଁ ସ୍ୱତନ୍ତ୍ର ।
ଜରାୟୁ ଧାରଣ କରି
କରୁନାହଁ ଉପକାର ବଡ, ଏ ତ ପ୍ରକୃତି ନିୟମ,
ତୁମ ପାଇଁ ନିର୍ଦ୍ଧାରିତ କର୍ମ ।
ସ୍ୱଧର୍ମ ପାଳନେ ଏତେ ଅହଙ୍କାର କିଆଁ ।

ପ୍ରତ୍ୟକଙ୍କୁ ଦେଇଛି ପ୍ରକୃତି
ଇଦା ଓ ପିଙ୍ଗଳା,
ନାରୀକୁ ବି, ପୁରୁଷକୁ ବି ।
ଇଦାର ପ୍ରଭାବକୁ ନେଇ
ଲଭିପାର ନାରୀତ୍ୱର ପରାକାଷ୍ଠା,
ହେଲେ ପିଙ୍ଗଳା କୁ ଫିଙ୍ଗି ପାରିବନି
ଆପଣା ଶରୀର ତନ୍ତ୍ରରୁ ।

ପ୍ରତିଦ୍ୱନ୍ଦ୍ୱୀ ନୁହେଁ,
ପରିପୂରକ ଅଟନ୍ତି ପୁରୁଷ ଓ ନାରୀ,
ସେଥିପାଇଁ ଈଶ୍ୱର ବି ଅର୍ଦ୍ଧନାରୀଶ୍ୱର ।

ହବ ଯଦି ଉତ୍ତମ ନାରୀଟିଏ ହୁଅ
ସେଥିପାଇଁ ଲୋଡା ନାହିଁ,
ପୁରୁଷ ଭଳି ପୋଷାକ, ଢଙ୍ଗ ରଙ୍ଗ
ଅବା ମାଂସପେଶୀ ବଳ।
ଇଦାକୁ ଜାଗ୍ରତ କରି,
ନାରୀତ୍ୱ କୁ ନେଇପାର ଉତ୍ତର ସୋପାନେ।

ଏଇ ସେ ସଂସ୍କୃତି ଯହିଁ
ବାମାଙ୍ଗୀ ଦେବୀଙ୍କୁ ଅଙ୍କରେ ଧରନ୍ତି
ଯେତେକ ଈଶ୍ୱର ସ୍ୱରୂପୀ ।
ଦେବୀ ରୂପେ ଦେବତା ବି
ମଥା ନତ କରନ୍ତି ଯା ପାଖେ,
ସେଠି ନାରୀକୁ କି ଅଧିକ ସ୍ୱାୟତ୍ତତା ଲୋଡା ???

ଭୁଲିଯାଇଛ ତୁମେ ବୋଧହୁଏ
ଆର୍ଯ୍ୟ ଯଜ୍ଞବଳକ ଆଉ
ମଣ୍ଡନ ମିଶ୍ରଙ୍କ ଶାସ୍ତ୍ରାର୍ଥ ବିଚାର,
ନାରୀ ଜଣେ ଥିଲେ ବିଚାରକ।
ବେଦ ଓ ପୁରାଣ, ଶାସ୍ତ୍ର ଅବା କିମ୍ବଦନ୍ତୀ
ସବୁଠି ଲଭିଛି ନାରୀ ସମା ସ୍କନ୍ଦ ସ୍ଥାନ ।
ହଁ, ଆକ୍ରାନ୍ତ ଉପ୍ତାତେ ଯେବେ
ଆର୍ଯ୍ୟାବର୍ତ୍ତ ହୋଇଲା ଅତିଷ୍ଠ,
ହୁଡିବାକୁ ପୈଶାଚିକ ଦୃଷ୍ଟି ତାଙ୍କ
ରମଣୀଙ୍କୁ ଲୁଚାଇଲା ପରଦା ପଛରେ।

ସେହି ଆକ୍ରାନ୍ତା ଙ୍କୁ ଚାହିଁ
ହୁରି ପକାଉଛ ଫେମିନିଷ୍ଟ ବୋଲି!
ଯଦି ଚାହଁ ନାରୀପାଇଁ ଉଚିତ ସମ୍ମାନ,
କର ଆଗେ ନିଜ କର୍ମ ଶ୍ରେଷ୍ଠତ୍ୱ ଦିଶାରେ।
ଫେରି ଦେଖ ସନାତନ ଆର୍ଯ୍ୟ ଚିନ୍ତନକୁ,
ସେଇଠି ପାଇବ
ନାରୀତ୍ୱର ସଠିକ ଆଉ ବିଶୁଦ୍ଧ ବ୍ୟାଖ୍ୟାନ।


ନାରୀ - ବିଶେଷାଙ୍କ

ସୃଜନୀ ପରିବାର (ଚେନ୍ନାଇ)

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇତ୍ତାହାର

ସ୍ୱୟଂସିଦ୍ଧା

ମନୋରମା ମିଶ୍ର



ତୁ ଏକ ସ୍ୱତନ୍ତ୍ର ସତ୍ତା
ସମ୍ପୂର୍ଣ୍ଣ ନାରୀ ପଣରେ ବନ୍ଧା
ଶାରୀରିକ ତଥା ସାମାଜିକ ଭାବେ ଯେତେ
ତା'ଠୁ ଅଧିକ ନିଜସ୍ୱ ମାନସିକତାରେ ।
ଦୀପ ହୋଇ ଜଳିବାରେ ତୋର ଅପାର ଆନନ୍ଦ
ଧୂପ ହୋଇ ସରିବାରେ ଅଖଣ୍ଡ ପୂର୍ଣ୍ଣତା ।
ତୁ ସ୍ୱୟଂସିଦ୍ଧା ! ଦିବ୍ୟ ଦୃଷ୍ଟି ମେଳି ଦେଖ
ଦିନେ ଲହୁ ଲୁହାଣ ହୋଇ
ତୋ ଅଗମ୍ୟ ପରିସୀମାରେ
ତୁ ସର୍ଜିଥିବା ପାଦଚଲା ରାସ୍ତାଟି
ଆଜି କେତେ ସୁଦୃଶ୍ୟ ପ୍ରସାରିତ
ଅବହେଳାରେ ଏଡେଇ ଯାଆନା
ନିଜେ ପଥ ହୋଇ ଆଗକୁ ଲମ୍ଭିଯା
ରଥ ହୋଇ ଗଡିଯା ସ୍ୱପ୍ରଚେଷ୍ଟାରେ ॥
ନିଜକୁ ପରଖି ନେ
ଲୋଟେଇ ନଦେଇ ଗୁଚ୍ଛେଇ ନେ
ଗତିରେ ଫୁଟାଇ ଦେ ସହସ୍ର ଗୋଲାପର ସୁଷମା
ହସରୁ ବିଚ୍ଛୁରିଦେ ଲକ୍ଷେ ଚମ୍ପାର ମହକ
ଉଦାସ ଆଖିରେ ତୋର ପ୍ରତିବିମ୍ବିତ ହେଉ
ସୁଖ ସ୍ୱପ୍ନ ସବୁ ।
ତୁ ମୃଣାଳିନୀ ! ମଧୁପକୁ ପ୍ରେମରେ ଆବଦ୍ଧ କରିଦେ
କାତ୍ୟାୟନୀ ସମ ଲମ୍ପଟକୁ ଶାସ୍ତି ଦେ
ନିର୍ମାଖୀ ନାରୀ ନୁହେଁ ତୁ ସୁସଜ୍ଜ ତାରୀଟିଏ
ତୋ ସାହାରାରେ କିଏ ପାର ହେଉ ଦୁର୍ଲ୍ଲଘ୍ୟ ତଟିନୀ
ତୁ ଶିଳା ନୁହେଁ ଶିଳାଶ୍ରୀ ,ଶିଳାପଦ୍ମ ,ପଦ୍ମିନୀ ,ପଦ୍ମଜା।

ଭୁବନେଶ୍ୱର

ସୃଜନୀ ପରିବାର (ଚେନ୍ନାଇ)

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇଷ୍ତାହାର

ପତିଙ୍କ ପ୍ରତି

ବାଉରିବନ୍ଧୁ ଲେଙ୍କା



କେବେ ବି ତ କହି ନାହିଁ
ଅଞ୍ଜଳିରେ ଭରିଦିଅ ମୋର
ସୁନା ରୂପା ହୀରା ,
ଆକାଶରୁ ତୋଳି ଆଣିଦିଅ
ଚାନ୍ଦ ଆଉ ତାରା ।
ହଁ ମନ ଚାହେଁ —
ଯେବେ ବି ଫେରୁଛ ଘରକୁ
ଖୁସି ମନରେ ଫେରନ୍ତ ,
ମୁହଁରେ ତୁମର ଥାଆନ୍ତା କି
ଚେନାଏଁ ହସର ଧାରା ॥

ଯେତେ କଷ୍ଟ ହେଉ ପଛେ
ଘରର ସମସ୍ତ କାର୍ଯ୍ୟ
କରି ଚାଲିଥାଏ ,
କହିନି ତ କେବେ
ଆଉ ପାରୁନାହିଁ ବୋଲି ।
ତମେ କିଛି କର ବା ନକର
କେବେ ଥରେ ପଚାରିଛ କି—
କଣ କରୁଛ ବୋଲି ?

ଆପତ୍ତି କରିଛି କି କେବେ ?
କାହାକୁ କାହିଁକି ଚାହିଁଲ କି
କାହା ସଙ୍ଗେ କଥା ହେଲ ବୋଲି ?
ହେଲେ କେବେ ବି ଥରେ
ତୁମର ସେ ପ୍ରୀତିଭରା ଚାହାଣୀ
ମୋ ଆଡେ ଆସିନିତ ବାଟ ଭୁଲି ॥

କେବେ ବି ତ କହିନାହିଁ
ଚାଲ ଯିବା ଆଜି
ବାହାରେ ଖାଇବା ବୋଲି ।
ବାହାରେ ନହେଲା ନାହିଁ
ଥରେ ହେଲେ ବି
କହିଛ କି ଘରେ —
ଆସ ଆଜି ସାଥି ହୋଇ ବସି
ଖାଇବାକୁ ବୋଲି ?

କୁହ ତ କେବେ ବି
ଡାକିଛ କି ଥରେ ଆଦରରେ
ମୋ ନାଆଁ ଧରି ?
ନାଆଁ ନ ହେଲା ନାହିଁ
"ଶୁଣ" ବୋଲି ଥରେ
କହିଛ କି ଥରେ ମୁହଁ ଖୋଲି ?

ଜୀବନଟା ସରିଯିବ
ଏହିପରି ଧାଇଁ ଧାଇଁ
ଧଇଁସଇଁ ହୋଇ ।
କେବେ କଣ ଥକି ପଡି
ବସି ଯାଆନ୍ତନି ପାଖରେ
ମୋ ଦୁଇପଦ କଥା ହେବା ପାଇଁ ?



ଭୁବନେଶ୍ୱର

ସୃଜନୀ ପରିବାର (ଚେନ୍ନାଇ)

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇଷ୍ତାହାର



କୁହ କିପରି ବର୍ଣ୍ଣିବି ମୁଁ ??

କନକ ଲତା ଦାଶ୍



କେମିତି କୁହ? ବର୍ଣ୍ଣିବି ତୁମ କୁ?
ତୁମେ ନାରୀ ଆଉ ନାରାୟଣୀ ବି ।
ନୂଆ କିଛି ଶବ୍ଦ ସନ୍ଧାନ
ରେ ଘୁରୁଛି ମୁଁ ଶବ୍ଦ ଦୁନିଆ ରେ -
କିଛି କିନ୍ତୁ ମନ କୁ ପାଉନି ।
ଜାଣେନି ମୁଁ କାହିଁକି କେଜାଣି !?
ଭାବିଲି ଲେଖିବି କିଛି ତୁମ ଯଶ ଗାଇ
ତ୍ୟାଗ ର ଜୀବନ୍ତ ମୂର୍ତ୍ତି
ମନ କିନ୍ତୁ କରେ ନାହିଁ ନାହିଁ ।
ତ୍ୟାଗ ଆଉ କାହିଁ ?
ସବୁ କିଛି କରେ ଆଜି ସିଏ
ଖାଲି ନିଜ ସ୍ୱାର୍ଥ ପୂର୍ତ୍ତି ପାଇଁ।
ଲଜ୍ଜାବତୀ , ଅବଗୁଣ୍ଠନ ର ତଳୁ ନାରୀ ଟିଏ ମୁହଁ କାଢି କହେ,
ମୋର କଥା ଲେଖିଦିଅ ସଖି ନାରୀ ର ମୁଁ ସ୍ନିଗ୍ଧ ରୂପ ଟିଏ।
ଆଖି ଖୋଲି ଦେଲି , ମନ କୁ ମାନିଲା ନାହିଁ ପୁଣି ମୁଁ ଭାବିଲି
ସମ୍ପର୍କ ର ଭାଗମାପ ନେଇ,
ନାରୀ ଯେବେ ଅସ୍ତିତ୍ୱ ଖୋଜୁଛି ତାର
ଉଚ୍ଚ ଆକାଂକ୍ଷା କୁ ନେଇ,
ଆକାଶ ଛୁଆଁ ଆଶା ରେ ହଜୁଥିବା ସ୍ୱପ୍ନ ଟିଏ ପରି,
ମନେ ହେଲା ସେଇ ବୋଧେ ଆଜିକାର ନାରୀ ।
ନାରୀ ଆଜି ବ୍ୟକ୍ତି ଟିଏ ପୁରୁଷ ର ସମ,
ଶବ୍ଦ ରେ ଦିଏନା ଧରା
ମାନେନା ସେ ବନ୍ଧ ବାଡ଼ ଖାଲ ଖମା ଦୁରନ୍ତ ଆଶାରେ,ସିଏ ଆଜି ନିରନ୍ତର ଧାଏଁ।
ପାଇଲିନି ଖୋଜି ଖୋଜି ଶବ୍ଦ ଅବା ସମଗ୍ର ସୁଷମା ନେଇ ନାରୀ ଟିଏ ହାତ ପାଆନ୍ତା ରେ।

କଟକ ,ଓଡିଶା

ସୃଜନୀ ପରିବାର (ଚେନ୍ନାଇ)

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା

ହିରଣ୍ମୟୀ

ପ୍ରଜ୍ଞା ଓ ପୁଲକର ନୂତନ ଇଷ୍ତାହାର

ଅଦୃଶ୍ୟ ଅନ୍ତଃସ୍ୱର

ମନୋରମା ମିଶ୍ର



ଆଜି ବି ଜଳୁଛି
ପୋଡା ସଳିତା ପରି
ଘୃତ ବିହୁନ ମାଟି ଦୀପରେ ,
ଅନ୍ଧାର ମୁହାଣରେ
ବତୀ ଖୁଣ୍ଟି ହୋଇ
କର୍ତ୍ତବ୍ୟ ରେ ରାଣ ଦେଇ
ଛୁଆ ପକ୍ଷୀ ରେ
ଡେଣା ଲଗାଇଛି ,
ଅର୍ଥ ବ ପଙ୍ଗୁ ସ୍ୱାମୀ ର
ଅକଥନୀୟ ଅତ୍ୟାଚାର ରେ
ନିଶା ଖୋର୍ ଚାବୁକ୍ ମାଡକୁ
ଗଳାରେ ହାର କରି
ସଂସାର ରେ ବାଟ ଚାଲୁଛି ,
ଗରିବ ମାଣରେ
ଲୁହ ଲହୁ ଭରି
ରକ୍ତ ମାଂସ କୁ ପାଣି ଫଟାଇ
ଉଦର ଭରିଛି ପଛେ
କାହା ଦୟାର ମୁଖା ତଳେ
ନା ହାତ ପତାଇଛି ନା
ସତୀତ୍ୱକୁ ବିକି ଚଳିଛି ,
ଇଚ୍ଛା ଶକ୍ତି ର ପ୍ରବଳ ପରାକାଷ୍ଠା
ସଇତାନ କୁ ନ ଡରିବା ର
ସାହାସିକତା କୁ -----
ପଣତରେ ବାଂଧି
ମୁଁ ଢେର୍ ଭୋଗିଲେ ବି
ହାରି ଯାଇନାହିଁ କେଉଁଠି ,

ଜୀବନ ବୋଧର
ପ୍ରତି ପୃଷ୍ଠାରେ ଭେଟିଛି
ମହିୟସୀ ମାନଙ୍କୁ--
ଉଦାହରଣ କରିଛି
ସେଇ ମାନଙ୍କ ମହାନତା କୁ ,
ଆଜିବି ଭେଟୁଛି
ଅଗ୍ନି କନ୍ୟା ଦୌପଦୀ ଙ୍କୁ
ପାଷାଣ ଅହଲ୍ୟା ଙ୍କୁ
ସତୀତ୍ୱକୁ ଧାରଣ କରିଥିବା
ସତୀ ସୀତା ଙ୍କୁ ,

ଏ ମାନେ ବି ନାରୀ
ସଂସାର ପାଇଁ
ରାଜ୍ୟ ପାଇଁ
ଅଭିଶାପ କୁ ନେଇ
ଜୀବନ ଭୋଗିଛନ୍ତି ପଛେ
ହାରି ଯାଇନାହାଁନ୍ତି
କୌଣସି ମୁହୂର୍ତ୍ତ ରେ ,
ନାରୀ ହିଁ ଭୋଗିଥାଏ
ସବୁ ଠାରେ
ଘରେ ବାହାରେ
ଘାଟ ରେ ହାଟରେ
ରାତି ରେ ଦିନରେ
ଦେଖା ଅଦେଖା ରେ ,

ଭୋଗିବାର ମହା ଉର୍ଦ୍ଧ୍ୱରେ ରହି
ନାରୀ ପଛେ ସହିଯାଏ ସବୁ କିଛି
ଯାଇ ପାରେ ନାହିଁ
ନିଜ ପରିବାର ବିରୁଦ୍ଧରେ ,
ତାହା ହିଁ ତ
ନାରୀତ୍ୱ ର ମହାମନ୍ତ୍ର ---,

ସବୁ ପରେ ବି
ବୁଝାଇ ପାରି ନି ମଦୁଆ ସ୍ୱାମୀକୁ
ବଦଳାଇ ପାରି ନି
ଚରିତ୍ର ହୀନ ସ୍ୱାମୀକୁ ---
ବୁଝାଇ ପାରୁନି ବାଲୁଙ୍ଗା ପୁଅକୁ
ସୁରକ୍ଷା ଦେଇ ପାରୁନି
ବଢିଲା ଝିଅ କୁ
ଖାଲି ଦୀପ ତଳ
ଅନ୍ଧାର ପରି ଜଳୁଛି ,

କିଏ ଦେଖିଛି ନାରୀ ମନର
ଜଳୁଥିବା ଭରା ଜଙ୍ଗଲ କୁ ,
ସେତ ସବୁ ସହି
ନିଆଁ ଗିଳି
ସର୍ବଦା ଶୀତଳ ରୁ
ମହା ଶୀତଳ ହୋଇ
ଅଦୃଶ୍ୟ ଅନ୍ତଃସ୍ୱର ରେ ବଂଚିଛି

ସମ୍ପାଦକ :

ଅନୁରାଗ (ଓଡ଼ିଆ ସାହିତ୍ୟ ପତ୍ରିକା), ଭୁବନେଶ୍ୱର

ନାରୀ - ବିଶେଷାଙ୍କ

ସୃଜନୀ ପରିବାର (ଚେନ୍ନାଇ)

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ଦେବୀ ହେବି ନା ଦାନବୀ

ସଂଘମିତ୍ରା ରାଏଗୁରୁ



ଦେବୀ ହେବାର ମୋହ
ଥାଉ କି ନଥାଉ
ଗର୍ଭରୁ ଫୁଟି ପଡି
ଧରାରେ ପାଦ ଥାପିଲା ମାତ୍ରକେ
ମୁଁ ପାଲଟିଯାଏ ଦେବୀ

ଏ ପ୍ରକୃତିର ମୋହ..
ନା ମାୟା
ଆର୍ଶୀବାଦ ନା ଅଭିଶାପ
ସେ କଥା ଜାଣିନି
କେବଳ ଏତିକି
ମୋ ବିନା କାହିଁ ଏ ପୃଥିବୀ
ପୂର୍ଣ୍ଣଗର୍ଭା ମାଟିରେ
କେଉଁ ଦିବ୍ୟ ବୀଜର
କାୟା ମୁଁ
ମୋ ଶିରା - ପ୍ରଶିରାରେ
ରକ୍ତ ର ପ୍ରତି କଣିକାରେ
ଦେବୀ ପଣିଆରେ ମହକ
କେବେ ଫୁଲ ତୁ
କେବେ ନିଆଁ ଝୁଲ ମୁଁ

ନହେଲେ
ପାହାଡ ପଥର କାଟି
ଦିଗ ହରା ନଈଟେ ପରି
କିଏ ବହିପାରେ
ମୃତ୍ୟୁଶଯ୍ୟା ରେ ଶୋଇ
ଜୀବନର ଦୀପଟେ କିଏ
ଜାଳିପାରେ..

ଗୋଟିଏ ଆୟୁଷରେ
କଣ କେହି ଭୋଗିପାରେ
ଦୁଇଟି ଜନମ
ଆଇନା ପରି ଅଗଣିତ
ଟୁକୁରାରେ ନିଜକୁ କିଏ
ବାଣ୍ଟିପାରେ

ଜୀଅନ୍ତା ନରମ ମାଂସକୁ
ଶୋଷିଲେ
ତ ରକ୍ତ ନିଗିଡେ
ହେଲେ ମୋ ସ୍ତନ
ଢାଳିଦିଏ ଜୀବନ ଅମୃତ
ମୋ' ରି ଦେହ ଦେଉଳରେ
କେଜାଣି କିଏ ସେ ଗଢିଛି
ପୁରୁଷ ର ସ୍ୱର୍ଗ ର କବାଟ
ମୁକ୍ତି ର ମାର୍ଗ
ମୋକ୍ଷ ର ଠାବ

ଦେବୀ...ସବୁକିଛି ଦେଇପାରେ
ବିନା ଦ୍ୱନ୍ଦରେ ଦ୍ୱିଧା ରେ
ନଷ୍ଟ ହୁଏ
ଭ୍ରଷ୍ଟ ହୁଏ
ଧ୍ୱଂସ ପାଏ
ଧାରେ ପ୍ରେମର ଧାରୁଆ
ଛୁରୀରେ
ବାରବାର ବିସର୍ଜନ ପରେ ବି
ଦେବୀ ଫେରି ଆସିପାରେ
କାହା ବ୍ୟାକୁଳ ମନ୍ତ୍ର ର
ଆକୁଳ ଆବାହନରେ

ବାକି ଏତିକି
ଦେବୀକୁ ଦେବୀ ହୋଇ
ରହିବାକୁ ଦିଅ
ଦେବୀକୁ ଦାନବୀ ହେବାର
ଇଚ୍ଛା ନାହିଁ
ଦାନବୀ ତ ତିଆରି ହୁଅନ୍ତି,
ଅସହାୟତା ରେ
ଦେବୀତ୍ୱ ର ନିଲାମ ରେ
ବଜାର ର ବଜାରୀ ନୀତିରେ

ଏବେ ତୁମେ କୁହ
ଦେବୀ ହେବି ନା ଦାନବୀ?


ରାଏପୁର୍, ଛତିଶଗଡ଼

ସୃଜନୀ ପରିବାର (ଚେନ୍ନାଇ)

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ଅନନ୍ୟା

ସୁଭାଷ ଚନ୍ଦ୍ର ପଣ୍ଡା (O.E.S)



ଜଳିଯାଏ ନିଃଶବ୍ଦରେ ଜୀବନ ସଳିତା
ସ୍ନେହ ସୋହାଗର ସିକ୍ତ ଦୀପାଳୀ ରେ
ମମତା ,ତ୍ୟାଗର ପୂତ ଇନ୍ଧନରେ
ଲହୁ ସବୁ ପରିଣତ ହୁଏ ଲୁହରେ ସ୍ୱେଦରେ ।
ଅନ୍ତରରେ ଯନ୍ତ୍ରଣାର ଅକଥ୍ୟ ଜ୍ୱଳନ ,
ଅଗ୍ନିର ଅସହ୍ୟ ତାପ ଅଦୃଶ୍ୟ ଦହନ
ତଥାପି ମୁଖରେ ତୃପ୍ତି ଧାରା ଅମୃତର
ନିର୍ଜନ ମରୁରେ ତୁମେ ସ୍ନିଗ୍ଧ ମରୁଦ୍ୟାନ
କୋମଳ ଆଶାର ..।
ଯନ୍ତ୍ରଣାର ଜତୁଗୃହେ
ନିଜର ଆତ୍ମାକୁ ତୁମେ କରିଅଛ ବନ୍ଦୀ,
ଚିନ୍ତା ସହ ଚୈତନ୍ୟର ,
ଜନ୍ମ ସହ ଶେଷ ନିଃଶ୍ୱାସର ,
ନିଜକୁ ନିଶେଷ କରି
ଅନ୍ୟକୁ ବଞ୍ଚାଇବାର ଦୁର୍ବାର ଲାଳସା ସହ
ବିଚିତ୍ର ସର୍ତ୍ତରେ ତୁମେ କରିଅଛ ସନ୍ଧି ।
କୃତଘ୍ନତା ,ସ୍ୱାର୍ଥପରତାର ,
କଣ୍ଟକିତ ଅପନ୍ତରା ବାଲିର ବୁକରେ ,
ଆଗ୍ରହରେ ପାତିଅଛ
କୋମଳ ଦୁର୍ବାର ଏକ ଗାଲିଚା ସ୍ନେହର
ଦୁଇ ପାଦ ରଖିବାକୁ ଆଶା ବିଶ୍ୱାସର ।
ନିଜକୁ ରକ୍ତାକ୍ତ କରି ସନ୍ତରଣ କର ଏଠି
କଣ୍ଟକିତ ପଦ୍ମ ସରୋବରେ
ଅନୁଯୋଗ ,ଅଭିଯୋଗ ହୀନ
ନିସ୍ତରଙ୍ଗ ସମୁଦ୍ର ବୁକୁରେ ,



ଏକୁଟିଆ ପୋତର ଯାତ୍ରାରେ ।
ନିକିତିରେ ଗୋଟେ ପାଖ ଭରା ଏଠି
ତୁମ ଅକପଟ ସ୍ନେହ ଓ ମମତା ,
ଆରପଟ ଶୂନ୍ୟତାର ଗନ୍ତା ଘର
ତା'ପାଇଁ କି ସରି ନୁହେଁ
ଦୁନିଆର ହୀରା ,ନୀଳା ,ମୋତି ଓ ମୁକୁତା ,
ମାପି ହୁଏ ନାହିଁ ତୁମ ମମତାର ଗଭୀରତା
ଛୁଇଁ ବି ହୁଏନା ଛୁଇଁ
ତୁମ ପ୍ରୀତି ମଧୁ ମାଦକତା ।
ଅନିନ୍ଦ୍ୟା ତୁମେ ଅନନ୍ୟା ଅନୁପମା
କେଉଁ ନୀହାରିକା ନକ୍ଷତ୍ର ବଳୟୁ
ଆଗମନ ତୁମ
ଜାଣିବି ହୁଏନା ଜମା...॥

କେନ୍ଦ୍ରାପଡା, ଓଡିଶା

ସୃଜନୀ ପରିବାର (ଚେନ୍ନାଇ)

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ସ୍ୱୟଂସିଦ୍ଧା

ଡ . ବିଦ୍ୟୁତ ପ୍ରଭା ଗନ୍ତାୟତ







ନିଜକୁ ଉନ୍ମୁକ୍ତ କରିଦେଲି
ନଖରୁ କେଶାଗ୍ର
ନିଜକୁ ବିମୁକ୍ତ କରିଦେଲି
ନିର୍ମମ ନିର୍ମକର ଅସାଢ଼ ଆଲିଙ୍ଗନରୁ
ଶପଥ କଲି
ଖିନଭିନ ହେବିନାହିଁ ଯାବତ ଜୀବନ
ଦନ୍ତୁରିତ ପଞ୍ଜୁରି ର ପାଶବିକତା ରେ
ନିରବ ରହିବି ନାହିଁ
ଅମାନବୀୟ ଅସଂଗତି ପ୍ରସଙ୍ଗରେ ।

ନଖ ଦନ୍ତ ପରି କେତେ
ନିର୍ଜୀବ ଅଥଚ ଜୀବନ୍ତ
ଶାଣିତ ଶସ୍ତ୍ରର ଜ୍ୱଳନ୍ତ ଲାଭା
ସମ୍ପର୍କର କେଇ ପୃଷ୍ଠା
ଶେତା ଇଚ୍ଛା ପତ୍ର ର ଦସ୍ତା ବେଜ଼ ରେ
ଦେବିନାହିଁ ସମ୍ମତି ସ୍ୱାକ୍ଷର ।

ପରଖି ପାରେ ମୁଁ
ତଳେଇ ବି ଦେଖି ପାରେ
ମଣିଷଙ୍କ ଭାବ ଭାଷା
ସ୍ୱର୍ଶରେ ବି ମାପିପାରେ ସ୍ୱର୍ଶର ଉଷ୍ମତା
ଆଖି ମୋର ପଢି ପାରେ
ନିର୍ଭେଜାଲ ଭାଷା ।

ସେପାଇଁ ସମର୍ପି ଆସିଲି
ସବୁ ସ୍ମୃତି ହର୍ଷ ବିଷାଦ ର
ଓ ଛଦ୍ମ ନାମ
ଈର୍ଷା ଦ୍ୱେଷର ।।

ମୋ ଅନୁଭବର ନଈ ବାଙ୍କରେ
ଅସଂଖ୍ୟ ବାଲିଗରଡା ଓ ପାଣି ସୋଲ
କଇଁ ଓ କାଶ ତଣ୍ଟି ର ସମ୍ଭାର ।

ଛାଡି ଦେଇ ଆସିଥିବା
ଚଂଚଳା ନଦୀ ଟି ପରି
ନିର୍ମୋହ ପଣରେ
ଉତ୍ତାରି ମୁଁ ଫିଙ୍ଗିଦେଲି
ମୋ ଦେହର ଅଳଙ୍କାର ବସନ ଭୂଷଣ
ମୋ ଅର୍ଜିତ ଅହଂକାର ମାନ ସମ୍ମାନ
ମୋ ସଂଚିତ ଯୌବନ ଓ
ଆଖି ରୁଚା ସୌନ୍ଦର୍ଯ୍ୟ ପଣ ।

ଅସରନ୍ତି ଯାତ୍ରା ,
ଅଫୁରନ୍ତ ପ୍ରାଣରେ ଆବେଗ ନେଇ
ମୁଁ ଡାକୁଛି ଜୀବନର ଯଜ୍ଞ ବେଦି ପରେ
କର ମୋତେ ଅବତୀର୍ଣ୍ଣ
ପ୍ରତ୍ୟୟ ର ଅଗ୍ନି ପରୀକ୍ଷାରେ
ସ୍ୱୟଂସିଦ୍ଧା ପ୍ରକଟିବି ପ୍ରଳୟ ଗର୍ଭରୁ
ସହସ୍ର ସହସ୍ର ତେଜରେ ।

ଭୁବନେଶ୍ୱର

ସୃଜନୀ ପରିବାର (ଚେନ୍ନାଇ)

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇତ୍ତାହାର

ନାରୀଟିଏ_ବୋଲିତ....!!!

ସୁନନ୍ଦା ମହାପାତ୍ର

ମୁଁ ସରଳା,ଅବଳା ବୋଲିତ,
ତୁମେ ସଉଦା କରିଚାଲିଛ
ମୋ' ସରଳତାକୁ ପୁଞ୍ଜିକରି ବିଟ୍ ବଜାରରେ,
ପ୍ରାରମ୍ଭରୁ ଏ ଯାବତ୍ ..!
ମୁଁ ଭାବରେ ଭାସିଯାଏ ବୋଲିତ,
ତୁମେ ଅହରହ ଖେଳି ଚାଲିଛ
ମୋ' ଭାବପ୍ରବଣତାକୁ ଖେଳନା କରି !
ମୁଁ ମାନିଯାଏ ବୋଲିତ,
ତୁମେ ଚାପିଦିଅ ତୁମ ତିନିପାଦ ଭୂମିନେବା
ବାହାନାରେ ମୋ' ସର୍ବାଙ୍ଗକୁ ଅଧିକୃତ କରି
ଛଳନାର ଭୂମି ତଳେ !
ମୁଁ ନହକି ଯାଏ ବୋଲିତ,
ତୁମେ ମୋତେ ବାରମ୍ବାର ମୋଡ଼ି ବଙ୍କାଉ ଥାଅ,
ଗଢୁଥାଅ, ଭାଙ୍ଗୁଥାଅ ନିଜ ଇଚ୍ଛାମତେ
ତୁମ ପୌରୁଷତ୍ୱର ଦମ୍ଭରେ !
ମୁଁ କ୍ଷମା କରେ ବୋଲିତ,
ତୁମେ ବାରମ୍ବାର ଭୁଲ୍ କରି
ଅପରାଧର ବୋଝ ଲଦୁଥାଅ ମୋ'ମଥାରେ !
ମୁଁ ନଇଁ ପଡେ ବୋଲିତ,
ତୁମେ ସେଣ୍ଢା ଟେକି ବାଟଚାଲ
ଦୁନିଆର ରାଜ ରାସ୍ତାରେ !
ମୁଁ ସହିଯାଏ ବୋଲିତ,
ଏ ସଂସାର ଚକ ଗଡୁଥାଏ ନିର୍ବିବାଦରେ ।
ମୁଁ ଘୋଡ଼େଇ ଦିଏ ବୋଲିତ,
ତୁମେ ମୋତେ ପ୍ରତିଥର ଉଲଗ୍ନ କରୁଥାଅ
ଆତୁଆଳରେ ସଗର୍ବରେ ।
ମୁଁ ଚଳେଇ ନିଏ ବୋଲିତ,
ତୁମେ ଛାତି ଫୁଲେଇ ଡିଣ୍ଡିମ ପିଟି
ବାହାବା ନେଉଥାଅ ତୁମ
ପାରିଲା ପଣର ଅହଂକାରରେ !
ମୁଁ ତୁମକୁ ସୁଖୀ କରେ ବୋଲିତ,
ନିଜ ଇଚ୍ଛାକୁ ଛାତିତଳେ କବର ଦେଇ
ଜିଇ ଥାଉଥାଉ ନିତି ମରେ ନିଜ ଭିତରେ !
ମୁଁ ସରେନାହିଁ ବୋଲିତ,
ତୁମେ ଲୁଟି ଚାଲିଥାଅ କୁବେର ଭଣ୍ଡାର ଭାବି
ମୋ ଶରୀରର,ହାଡ଼,ମାଂସ,ରକ୍ତ ଆଉ
ନିଶ୍ୱାସ ଟିକକ ବି !
ମୁଁ ମନର ଭୋକ, ପେଟର ଭୋକ ସହିତ
ଦେହର ଭୋକକୁ ବୁଝିପାରେ ବୋଲିତ,
ତୁମେ କେବେ ଭାବ ନାହିଁ
ମୋ'ରବି ଭୋକ ଟିଏ ଅଛି ବୋଲି !!
ଯାଃ.....!!
ମୁଁ ନାରୀଟିଏ ବୋଲିତ....
ଏତେ ପରେ ବି ପୁଣିଥରେ କ୍ଷମା କରଦେଲି,
କାରଣ ମୁଁଯେ ଜନନୀ, ଭଗିନୀ, ଜାୟା
ନାନାରୂପେ ଅବତୀର୍ଣ୍ଣା
ଈଶ୍ୱରଙ୍କ ସୃଷ୍ଟିର ଅଦ୍ଭୁତ ସର୍ଜନାଟିଏ ...!!!


ବାଙ୍ଗାଲୋର

ସୃଜନୀ ପରିବାର (ଚେନ୍ନାଇ)

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇତ୍ତାହାର

ନାରୀ

ଡକ୍ଟର କୃତ୍ତିବାସ ନାୟକ



ଜାଗ୍ରତ ହୁଅ ମହିଳା ସମାଜ ଜାଗ୍ରତ ହୁଅ ନାରୀ ,
ଜାଗ୍ରତ ହୁଅ ଜନନୀ ଭଗିନୀ ସଂତ୍ରସ୍ତ କରି ଅରୀ । ୧ ।

ଶକ୍ତିର ପ୍ରତୀକ ସୃଷ୍ଟି ରକ୍ଷକ ପୁରୁଷର ତୁମେ ମାଆ,
ଦୁର୍ବଳା ନୁହେଁ ଅବଳା ନୁହେଁ ଧରା ପରି ସର୍ବଂସହା । ୨ ।

ଶକ୍ତିମୟୀ ଯେ ଚାହାଁଣୀରେ ତାର ଅଗ୍ନି ସ୍ଫୁଲିଙ୍ଗ ଦିଶେ ,
ଶାନ୍ତିମୟୀ ଯେ ପ୍ରେମମୟୀ ସେ ତା ପାଇଁ ପ୍ରକୃତି ହସେ । ୩ ।

ସଂସ୍କୃତି ଆଉ ପରମ୍ପରାକୁ ତୁମେ ହିଁ ସମ୍ଭାଳି ଧର,
ନିଜେ ଜଳିଜଳି ପରିବାରକୁ ସବୁ ସୁଖ ଦାନ କର । ୪ ।

ତୁମେ ଦୟାମୟୀ ସମାଜର ପାଇଁ ଶକ୍ତିର ଗନ୍ତାଘର ,
କ୍ଷମାମୟୀ ପୁଣି ସନ୍ତାନର ପାଇଁ ମମତାର ମଧୁଝର । ୫ ।

ସଶକ୍ତିକରଣ ଲୋଡ଼ାନାହିଁ ତୁମେ ନିଜ ହିଁ ନିଜକୁ ଚିହ୍ନ ,
ଅରମା ଅଳିଆ ଭରା ସମାଜର ଅଭାବକୁ କର ପୂର୍ଣ୍ଣ । ୬ ।

ଶୈଳଶ୍ରୀ ବିହାର. ଭୁବନେଶ୍ୱର
ମୋବଇଲ :୯୯୩୭୭୪୩୫୦୮


ସୃଜନୀ ପରିବାର (ଚେନ୍ନାଇ)

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର



ନାରୀ

ଅଜିତ କୁମାର ସାବତ



ବ୍ୟକ୍ତ ଅବ୍ୟକ୍ତ ଯାବତୀୟ ଭାବନାକୁ
ମନରେ ମାରି ,
ସଞ୍ଜ ,ସକାଳ ,ସାରା କାଳ
ନିଜ କାୟା ,ମନ ,ବାକ୍ୟକୁ
ଏକାକାର କରି ,
ଯୁଗ ଯୁଗରୁ ବଞ୍ଚିବା ପାଇଁ
ମୋତେ ବରଣ କରିବାକୁ ହୁଏ
କେଉଁ ଏକ ପୁରୁଷର ହାତ । ୧ ।

ଜନ୍ମ ଜନ୍ମାନ୍ତରୁ
ନିଜର ନିଜତ୍ୱ ,ସ୍ୱାଭିମାନ ,ଅହମିକା
ସବୁକିଛି ଜଳାଞ୍ଜଳି ଦେଇ ଚାଲିଛି ,
ସମସ୍ତ ନିନ୍ଦା ଅପବାଦକୁ
ଏକା ଏକା ମୁଣ୍ଡେଇ
ଭ୍ରୂଣ ହତ୍ୟା ,ଧର୍ଷଣ,ଯୌତୁକ ଯୁଇର
ଛଟ ପଟ ହୋଇ ବଞ୍ଚିଛି,
କେବେ ପେଟରେ ମରିଛି
କେବେ ପେଟପାଇଁ ମରିଛି
କେବେ ବଞ୍ଚିଛି ବୋଲି ମରିଛି
କେବେ ମରୁଛି ବୋଲି
ଆହୁରି ବେଶି ବେଶି ମରୁଛି
କେବେ ଜଳୁଛି ବୋଲି
ଆହୁରି ବେଶି ବେଶି ଜଳୁଛି
ବୋଧେ ଏ ସର୍ବଂସହା ପଦଟି
ମୋର ପାଇଁ ହିଁ ଗଢା ହୋଇଛି । ୨ ।

ଏ ସମାଜର
ନାରୀ ନିୟନ୍ତା ମାନଙ୍କ
ହାତ ଆଙ୍ଗୁଠିର ଇସାରାରେ
ନାଚିବା ପାଇଁ ହିଁ କଣ
ଅନାଦି କାଳରୁ
ଅନନ୍ତ କାଳ ଯାଏଁ
ମୋରି
ସୃଷ୍ଟି ,ସୃଜନ ଓ ସଂହାର ? । ୩ ।

ବ୍ରହ୍ମପୁର ,ଗଂଜାମ ,ଓଡିଶା
ମୋବଇଲ : ୯୪୩୭୦୭୭୭୭୦

ସୃଜନୀ ପରିବାର (ଚେନ୍ନାଇ)

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା

ହିରଣ୍ମୟୀ

ପ୍ରଜ୍ଞା ଓ ପୁଲକର ନୂତନ ଇଷ୍ତାହାର




ଅତୁଳନୀୟା

ପୁଷ୍ପିତା ଦାଶ

ବିନାଶ୍ରୟେ ନ ବର୍ତ୍ତନ୍ତି କବିତା ବନିତା ଲତା
ବହୁତ୍ ହେଲାରେ ଝିଅ
ଘରର ମେଢି ଖୁଣ୍ଟ ପରା ତୁ !!



ଡରିବୁନି ଝଡ ତୋଫାନକୁ !
ମନ୍ଦିର ପରି ଯେ ଘର ତୋର
ସୁସଜ୍ଜିତ , ଶୃଙ୍ଖଳିତ ପୂତ ଓ ପବିତ୍ର
ଗୃହିଣୀ ତ ପରିଚୟ ତୋର
କର୍ମ କ୍ଷେତ୍ରେ ଦକ୍ଷ ତୁ ଅନନ୍ୟା
ପତନରୁ ରକ୍ଷା କରି ପତ୍ନୀ ତୁ ବୋଲାଉ
ନାରୀ ତୁ ଗୋ ନାରୀଟିଏ ନାହିଁ କେ ଅଇରି
ସମଗ୍ର ଜୀବନ ସଦା ଯଜ୍ଞଟିଏ ତୋର
ଗୃହର ସୌନ୍ଦର୍ଯ୍ୟ ପାଇଁ କାନ୍ତାଟିଏ
ଗୁରୁ ଭାର ଆଜି ତୋର କୋମଳ ସ୍କନ୍ଧରେ



ଦୁଇକୁଳ ଗର୍ବ ମାନ ତୋ ହସ୍ତରେ ଆଜିରେ ଦୁହିତା
ଯୁଗ ଯୁଗ ଧରି ସ୍ତ୍ରୀ ଟିଏ ସଖୀ ମାତା ଭଗ୍ନୀ ତୁ ପ୍ରମଦା
ବିପଦ ତାରିଣୀ ମାତା ସୀମନ୍ତିନୀ
ଶିରୋମଣି ଅପୂର୍ବ ସୁଖଦା
ସ୍ୱରୂପା ତୁ ସୁଖ ସମୃଦ୍ଧିର
ଦୀପଟିଏ ଜଳେ
ପ୍ରତି ସଞ୍ଜେ ,ସୁନାର ସକାଳେ
ପରିବାର , ଘରଟିର ,ସୁଖ ତୁ ମନାସୁ
ଭରପୁର ଗୃହାଙ୍ଗନେ ଦେବୀଟିଏ
ସୌଭାଗ୍ୟର ..ତୁ ଯେ ଦେବୀଟିଏ